ସକାଳ THE SAKALA



# ସହରବାସୀଙ୍କ ମୌଳିକ ସମସ୍ୟା ନୂଆ ପୌର ଅଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ





ଅନୁଗୋଳ, ୧୨ ।୧(ସମିସ)

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁଁ ଅନୁଗୋଳ ପୌରପାଳିକା ସହରବାସୀଙ୍କୁ ମୌଳିକ ସୁବିଧା ଦେଇପାରୁନି। ନିକଟରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଭାବେ ଚାନ୍ଦବାଲିର ଇଓ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ବଦଳି କରାଯାଇଛି। ତ୍ରିପାଠୀ ଅନୁଗୋଳ ପୌର ପରିଷଦ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସହରର ଛକ ବଜାରରେ ବହୁ ଆଲୋଚନା ହେଉଛି। ତ୍ରିପାଠୀ ଅନୁଗୋଳ ପୌର କାର୍ଯ୍ୟାଳୟରେ ୪ ବର୍ଷ ପୂର୍ବେ ସିଓ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଗତ ଦିନର ସିଓ ତ୍ରିପାଠୀ ପୁଣି ଅନୁଗୋଳ ପୌର ଇଓ ହେବାକୁ ଯାଉଛନ୍ତି। ସ୍ଥାନୀୟ ଲୋକଙ୍କ ଭଲପାଇବା ଓ ତାଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଅନୁଗୋଳ ସହରବାସୀଙ୍କ ଉନ୍ନତି ପାଇଁ ଲୋକେ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ଦୁର୍ନୀତିଗ୍ରସ୍ତ ପୌର କର୍ମଚାରୀଙ୍କ ମଧ୍ୟରେ ଏକପ୍ରକାର ଛନକା ପଶିଛି।

ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଥିଲେ ବି ସହରବାସୀ ଦୀର୍ଘ ୧୦ ବର୍ଷ ହେବ ପରିମଳ, ଟ୍ରାଫିକ, ପାର୍କିଂ, ଡ୍ରେନେଜ ଭଳି ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ସହରର ଚାକଚକ୍ୟ ପାଇଁ ରଙ୍ଗମରା ରାଜନୀତି, ଷ୍ଟ୍ରିଟ ଲାଇଟ, ଗଳିକନ୍ଦିରେ ରାସ୍ତା ଏବଂ ଓପନ ଜିମ ଭଳି ଉନ୍ନୟନ କାର୍ଯ୍ୟ ହୋଇଛି। ତେବେ ସହରର ପ୍ରମୁଖ ସମସ୍ୟା ଭାବେ ଠିଆ ହୋଇଥିବା ପରିମଳ ଏବଂ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ କେହି ପଦକ୍ଷେପ ନେଉନାହାନ୍ତି। ଭୋଟ ବ୍ୟାଙ୍କ ଖସିଯିବା ଭୟରେ ସହରରୁ ଜବରଦଖଲ ଉଚ୍ଛେଦ ହେଉନି। ବଜାରରେ ବ୍ୟବସାୟୀମାନେ ପଣ୍ୟ ସାମଗ୍ରୀକୁ ରାସ୍ତା ଅଧ ଯାଏଁ ରଖି ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଦୈନିକ ପରିବା ବଜାର ପାଲଟିଛି କେତେଜଣ ବ୍ୟବସାୟୀଙ୍କ ଗୋଦାମ ଘର। ଫଳରେ ସହର ସାରା ରାସ୍ତା ପାର୍ଶ୍ୱରେ ପରିବା ହାଟ ବସୁଛି। ଷ୍ଟେଟ ବ୍ୟାଙ୍କ, ତହସିଲ, ବ୍ଲକ, ବନ ବିଭାଗ କାର୍ଯ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ହାଇସ୍କୁଲ ପ୍ରଭୃତି ଅନୁଷ୍ଠାନ ସମ୍ମୁଖରେ ପ୍ରତିଦିନ ପରିବା ଡଲା ଲାଗୁଥିବାରୁ ଅଫିସ ସମ୍ମୁଖ ସଙ୍କୁଚିତ ହେଉଛି। ଲୋକେ ନିର୍ଭର କରୁଥିବା ଏହି ସବୁ ଅଫିସ ସମ୍ମୁଖ ସ୍ଥାନଗୁଡ଼ିକ ଜବରଦଖଲରେ ରହିଛି। ପରିବା ଆବର୍ଜନାରେ ପରିବେଶ ପ୍ରଦୂଷିତ ହେବା ସହ ବୁଲା ଗୋରୁ, ଷଣ୍ଢଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହେଉଛନ୍ତି। କୋଭିଡ ସମୟର କଟକଣାରେ ପୌରପାଳିକା ବସାଇଥିବା ପରିବା ଦୋକାନୀଙ୍କୁ ଆଜି ଯାଏ ଠିକଣା ସ୍ଥାନ ଯୋଗାଇ ପାରିନି। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ କ୍ୱାର୍ଟର୍ସ ହେଉ ଅବା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କ୍ୱାର୍ଟର୍ସ ସମ୍ମୁଖ, ଯିଏ ଯେଉଁଠି ବସିବ ବସୁ ମାତ୍ର ପୌର କର୍ତ୍ତୃପକ୍ଷଙ୍କୁ ଦୈନିକ ୨୦ଟଙ୍କା ଟିକସ ଦେଉ ନୀତିରେ ସବୁ ଚାଲିଛି। ତେଣୁ ରାସ୍ତାକଡ଼ରେ ବସୁଥିବା ଦୋକାନୀ ଏକପ୍ରକାର ସ୍ଥାୟୀ ବୋଲି ଭାବୁଛନ୍ତି। ପୌରାଞ୍ଚଳର ସ୍ଥାୟୀ ଦୋକାନ ସମ୍ମୁଖରୁ ସଫେଇ ପାଇଁ ମାସିକ ୫୦ରୁ ୬୦ ଟଙ୍କା ପୌର ପରିଷଦ ଆଦାୟ କରୁଛି। ତେବେ ଏହି କାର୍ଯ୍ୟ ନିୟମିତ ହେଉ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କାଞ୍ଚନ ଟକିଜ-ଶାନ୍ତି ହୋଟେଲ ରାସ୍ତା ଫଳ ଦୋକାନୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଦଖଲ ଯୋଗୁଁ ଏହି ୨୦ ଫୁଟିଆ ରାସ୍ତାରେ ଚାରିଚକିଆ ଗାଡ଼ି ଯିବା ବି ସମ୍ଭବ ହେଉନି। ଥାନା ଛକ-କଦମପଡ଼ିଆ ରାସ୍ତାରେ ମାଳ ମାଳ ଠେଲା ଟ୍ରଲିରେ ଫଳ ବ୍ୟବସାୟୀ ହେଉଛି। ଅନୁଗୋଳ ସହରାଞ୍ଚଳ ଉଠା ଦୋକାନୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ପୌର ପରିଷଦ ଟିକସ ଆଦାୟ କରି ସାଧାରଣ ଜୀବନଯାତ୍ରାକୁ ଦୁର୍ବିସହ କରିଦେଉଛି। ତେବେ ସହରବାସୀଙ୍କ ଆଶ୍ୱସ୍ତି ପାଇଁ ନୂତନ ପୌର ଅଧିକାରୀ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

- ପୌରପାଳିକା ମଙ୍ଗ ଧରିବେ ସତ୍ୟପ୍ରକାଶ
- ଦୁର୍ନୀତିଗ୍ରସ୍ତ କର୍ମଚାରୀ ମହଲରେ ଛନକା
- ଉଠାଦୋକାନୀଙ୍କ ଭୂସ୍ୱର୍ଗ ପାଲଟିଛି ଅନୁଗୋଳ

● ଓସାରିଆ ଏନ୍‌ଏଚ୍‌ରେ ଅଣଓସାରିଆ ବ୍ରିଜ, ବଢ଼ୁଛି ଦୁର୍ଘଟଣା

# ୩୦ଟନ ଯନ୍ତ୍ରାଂଶ ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

**ଅନୁଗୋଳ, ୧୨ ।୧(ସମିସ):** ଓସାରିଆ ଜାତୀୟ ରାଜପଥର ଅଣଓସାରିଆ କେନାଲ ବ୍ରିଜ ଉପରେ ଭାରୀଯାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗଛ ଡାଳ ଲାଗି ଅଧିକ ଉଚ୍ଚତାର ପ୍ଲାଣ୍ଟ ଯନ୍ତ୍ରାଂଶ ଟ୍ରେଲର ଗାଡ଼ିରୁ ଖସି ରାଜପଥ ଅବରୋଧ କରିଛି। ଶନିବାର ରାତି ୧୨ରୁ ରବିବାର ଦିନ ୧୨ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି।



୫୫ନଂ ଜାତୀୟ ରାଜପଥର ଅନୁଗୋଳ ସହର ମଧ୍ୟସ୍ଥ ଡେରଜାଙ୍ଗ କେନାଲ ବ୍ରିଜ ଅଣଓସାରିଆ ଯୋଗୁଁ ଏହା ଦୁର୍ଘଟଣାପ୍ରବଣ ସ୍ଥାନ ପାଲଟିଛି। ଜାତୀୟ ରାଜପଥର ଓସାର ଅନୁଯାୟୀ ଉକ୍ତ କେନାଲ ବ୍ରିଜକୁ ଚଉଡ଼ା କରିବାକୁ ସାଧାରଣରେ ଦାବି ହୋଇଆସୁଛି। ଉକ୍ତ ସ୍ଥାନରେ ଅନୁଗୋଳ ବସ ଟର୍ମିନାଲକୁ ରାସ୍ତା ସଂଯୋଗ କରୁଥିବାରୁ ଏହି କେନାଲ ବ୍ରିଜ ଉପରୁ ହିଁ ବୁଲିବାକୁ ପଡ଼ିଥାଏ। ସଙ୍କୁଚିତ ରାସ୍ତାରେ ପ୍ରାୟ ସବୁ ସମୟରେ ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥାଏ। ସେଠାରେ ହୋଟେଲ, ବଜାର ସାଙ୍ଗକୁ ଜିଲ୍ଲା ଟ୍ରକମାଲିକ କାର୍ଯ୍ୟାଳୟ ଓ କଲ୍ୟାଣ ମଣ୍ଡପ ରହିଛି। ତେଣୁ ଉକ୍ତ ସ୍ଥାନ ଜନଗହଳିପୂର୍ଣ୍ଣ ଏବଂ ବ୍ୟସ୍ତବହୁଳ ହୋଇଥିବା ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷ ଅବା ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ବ୍ରିଜ ଉପରେ ଦୁଇଟି ଭାରୀଯାନ ଅତିକ୍ରମ କରିପାରନ୍ତି ନାହିଁ କି ଗୋଟିଏ ବଡ଼ ବସ ସହଜରେ ବସ ଟର୍ମିନାଲ ଆଡ଼କୁ ଯାଇପାରେ ନାହିଁ। ଯାହାଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାଜପଥରେ ଥିବା ଉକ୍ତ କେନାଲ ବ୍ରିଜକୁ ପ୍ରଶସ୍ତ କରିବା ସହ ଟ୍ରାଫିକ ପୁଲିସ ନିୟୋଜିତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

● ରାତି ୧୨ରୁ ଦିନ ୧୨ ଜାତୀୟ ରାଜପଥ ଅବରୋଧ

# ଆର୍‌ଟିଓ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ତାଳଚେରସଦର, ୧୨ ।୧(ସମିସ):** ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି କଳମଛୁଇଁ ଗ୍ରାମ ପରିକ୍ରମା କରିଥିଲା। ତାଳଚେର ମୋଟରଯାନ ନିରୀକ୍ଷକ ପ୍ରିୟବ୍ରତ ମହାନ୍ତି, ଗୋପାଳପ୍ରସାଦ ଥାନା ଅଧିକାରୀ ବିକାଶ କୁମାର ସାମଲ, ଟ୍ରାଫିକ ପୁଲିସ ଅଧିକାରୀ ରମାକାନ୍ତ ନାଏକ, କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ପ୍ରଧାନଆଚାର୍ଯ୍ୟ ଅନୀଲ କୁମାର ଦେହୁରୀ ପ୍ରମୁଖ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ସଡ଼କ ସୁରକ୍ଷା ରଥକୁ ମଧ୍ୟ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ରଥରେ ଏଲଇଡି ମାଧ୍ୟମରେ ଚଳଚ୍ଚିତ୍ର ପ୍ରଦର୍ଶନ କରି ମଦ୍ୟପାନ କରି ଗାଡ଼ି ନ ଚଳାଇବା, ୧୮ ବର୍ଷରୁ କମ୍ ଏବଂ ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ହେଲମେଟ୍ ବ୍ୟବହାର କରିବା ଆଦି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ତାଳଚେର ଆର୍‌ଟିଓର ସମସ୍ତ କର୍ମଚାରୀଙ୍କ ସମେତ କଳମଛୁଇଁ ଶିଶୁ ମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଅନୀଲ ସାହୁ, ଚତୁର୍ଭୁଜ ସାହୁ, କୁମୁଦ ବେହେରା, କମଳ ପ୍ରଧାନ, ବସନ୍ତ ମହାନ୍ତି, ଭଗବାନ ବେହେରା, ଦୁର୍ଯ୍ୟୋଧନ ସାହୁ, ଭଗବତୀ ମହାପାତ୍ର, କୁମୁଦ ସାହୁ, ରବିନ ବରାଳ, ମଳୟ ଦାସ, ସୁଶ୍ରୀ ତ୍ରିପାଠୀ, ଦମୟନ୍ତୀ ନନ୍ଦ, ଶୁଭସ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡେରଙ୍ଗରେ ଶିଅଳ ସମାଜର ବାର୍ଷିକ ବୈଠକ

**ଡେରଙ୍ଗ, ୧୨ ।୧(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ଶ୍ରୀ ଅରବିନ୍ଦ ସ୍କୁଲ୍ ପରିସରରେ ଶିଅଳ ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଡେରଙ୍ଗ ଗ୍ରାମର ଶିଅଳ ସାମାଜ ସଭାପତି ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜର ଉପସଭାପତି ଗୋଲେଖ ବେହେରା, ସମ୍ପାଦକ ପଞ୍ଚାନନ ବେହେରା, ସହସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ନୀଳମଣି ବେହେରା, ସହକୋଷାଧ୍ୟକ୍ଷ ସୁଧାକର ବେହେରା, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ବେହେରା, ପ୍ରହଲ୍ଲାଦ ବେହେରା, ଦିଲୀପ କୁମାର ବେହେରା, ଦୁଃଶାସନ ବେହେରା, ଶରତ ଚନ୍ଦ୍ର ବେହେରା, ମହାର୍ଗ ବେହେରା ପ୍ରମୁଖ ଯୋଗଦେଇ ସମାଜର ସଂଗଠନ, ଆର୍ଥିକ ଉନ୍ନତି ଓ ଯୁବବର୍ଗ ଉଚ୍ଚଶିକ୍ଷିତ ହୋଇ କିପରି ସାମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କନ୍ଦର୍ପ ବେହେରା, ଦାମୋଦର ବେହେରା, ସୁବାସ ବେହେରା, ପ୍ରସନ୍ନ ବେହେରା, ବିଷ୍ଣୁଚରଣ ବେହେରା, ଦୁଷ୍ମନ୍ତ ବେହେରା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ବଇଣ୍ଡା, ୧୨ ।୧(ସମିସ):** ଆଠମଲ୍ଲିକ ବ୍ଲକ ପେଡ଼ିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆରସିସି ରଞ୍ଜନ କୁମାର ନାୟକ ଯୋଗଦେଇଥିଲେ। ଏଥିରେ ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ୨୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଅନୁପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପେଡ଼ିପଥର ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବରେ ମୋହନ ଚରଣ ଦେହୁରି, ସନ୍ତୋଷ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ସରିତା ନାୟକ, ଯୋଗଦେଇଥିଲେ। ଗୋଲକ ବିହାରୀ ସାହୁ, ସ୍ୱର୍ଣ୍ଣମୟୀ ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ।

## ଗଣ୍ଡମଳା ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

**କଣିହାଁ, ୧୨ ।୧(ସମିସ):** କଣିହାଁ ବ୍ଲକ ଗଣ୍ଡମଳା ସେବା ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସମବାୟ ସମିତି ସଭାପତି ରଞ୍ଜନ ସାମଲଙ୍କ ସହ ସମସ୍ତ ନିର୍ଦ୍ଦେଶକ, ସରପଞ୍ଚ ତପସ୍ୱିନୀ ପାତ୍ର, ମୀରା ପ୍ରଧାନ, ସମିତିସଭ୍ୟା ଭାରତୀ ସାହୁ, ଆରଏମ୍‌ସି ସମ୍ପାଦକ ଯଦୁମଣି ନାୟକ, ଏଆରସିଏସ୍ ଅନିଲ ରଥ, ବିଜେପି ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ପ୍ରହଲ୍ଲାଦ ସାମଲ, ପୂର୍ବତନ ସମବାୟ ସମିତି ସଭାପତି ବିନୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକୁଡ଼ିଆ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି। ଏଥିରେ ସମବାୟ ସମିତି ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ପଦ୍ମଚରଣ ପ୍ରଧାନ ଉପସ୍ଥିତ ଥିଲେ। ଏହି ସମିତ ଅଧୀନ ୧୫୩୫ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ଚାଷୀ ଓ ମିଲରଙ୍କ ମଧ୍ୟରେ କଟନି ଛଟନି ମୂଳଚାଲ ହୋଇ ନ ପାରିବାରୁ ଧାନ କିଣାରେ ବାଧା ଉପୁଜିଥିଲା। ଅପରାହ୍ନରେ ଧାନର ମାନ ପରୀକ୍ଷଣ ପରେ ରବିବାର ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ବିଚ୍ଛନ୍ଦ ଚରଣ ସାହୁ, ପବିତ୍ର ସାହୁ, ମହେଶ୍ୱର ସାମଲ, ସୁମନ୍ତ ମହାନ୍ତି, ଲୋକନାଥ ସାହୁ, ଦିଲେଶ୍ୱର ସାହୁ, କବି ସାହୁ, ଟୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଏମ୍‌ସିଏଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ତାଳଚେରସଦର, ୧୨ ।୧(ସମିସ):** ତାଳଚେର ଧରମପୁର ପଞ୍ଚାୟତ ବିହରିପୁର ଗ୍ରାମରେ ଲିଙ୍ଗରାଜ ଏମ୍‌ସିଏଲ୍ ସିଏସଆର ପାଣ୍ଠିରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏମସିଏଲର ଦୁଇ ଡାକ୍ତର ଆଲମ୍ ଓ ଡାକ୍ତର ଯୁଗନାଥ କୌଶିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ତାଳଚେର ଅଞ୍ଚଳ ଏମସିଏଲ ଦ୍ୱାରା ପ୍ରଭାବିତ ହେଉଥିବାରୁ ଲୋକଙ୍କ ଟିବି ପରୀକ୍ଷା ମଧ୍ୟ କରାଯାଇଛି। ଯଦି କିଛି ଲକ୍ଷଣ ବାହାରେ ତେବେ ସେମାନଙ୍କୁ ମାଗଣାରେ ଚିକିତ୍ସା କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିରରେ ଧରମପୁର ଓ କଙ୍କିଳୀ ପଞ୍ଚାୟତର ୨୬୫ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିବା ଡାକ୍ତର ଓ ଧରମପୁର ସରପଞ୍ଚ ପାଟରାଣୀ ଭୂତିଆ ସୂଚନା ଦେଇଛନ୍ତି। ଧରମପୁର ସମିତିସଭ୍ୟ ତାରିଣୀ ମହାନ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।

## କିଶୋରନଗର +୨ କଲେଜର ବାର୍ଷିକ କ୍ରୀଡ଼ା

**କିଶୋରନଗର, ୧୨ ।୧(ସମିସ):** କିଶୋରନଗର + ୨ କଲେଜରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଞ୍ଜିତ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣାଙ୍କ ତତ୍ତ୍ୱାବଧାନରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ରାଜେନ୍ଦ୍ର ଦେହୁରୀ ଖେଳ ପରିଚାଳନା କରିଥିଲେ। ବାଳକ ବିଭାଗରେ ଅମନ ସ୍ୱାଇଁ ଓ ବାଳିକାରେ କଳ୍ପନା ମହାପାତ୍ର ଚାମ୍ପିଅନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ପ୍ରଧ୍ୟାପକ ବାବୁଲାଲ ପ୍ରଧାନ, ଅଧ୍ୟାପକ ଅକ୍ଷୟ କୁମାର ମାଝୀ, ଶୁଭେନ୍ଦୁ ସାହୁ, ମୁନା ନାୟକ ପୂର୍ଣ୍ଣଚନ୍ଦ୍ର ବବର୍ତ୍ତୀ, ଅଧ୍ୟାପିକା ଐଶ୍ୱର୍ଯ୍ୟା ମିଶ୍ର, ସୁନେଲିକା ଖମାରୀ, ଭାରତୀ ବିଶ୍ୱାଳ, ନିକିତା ବେହେରା, ବିଭୂଷିତା ସାହୁ, ପ୍ରିୟଙ୍କା ସ୍ୱାଇଁ, କର୍ମଚାରୀ ପିଣ୍ଟୁ ସେନାପତି, ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ

**ପାଲଲହଡ଼ା, ୧୨ ।୧(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ବାଲିପଶି ପଞ୍ଚାୟତ ହାତୀଘିଞ୍ଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ବୁଟୁ ଦେହୁରୀ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଚିନ୍ମୟ ବେହେରା, ସମିତିସଭ୍ୟା ମନ୍ଦାକିନୀ ସାହୁ, ସରପଞ୍ଚ ଧୀରେଶ୍ୱରୀ ଗଡ଼ନାୟକ, ନାଏବ ସରପଞ୍ଚ ବିଦ୍ୟୁଲତା ଗଡ଼ନାୟକ, ମହେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ମାଝୀ, ସରୋଜ କୁମାର ପାଲ, କରୁଣାକର ଜେନା, ପ୍ରମୋଦିନୀ ସାହୁ ଅନୁସୟା ସିଂ ସାମନ୍ତ, ସୁନିତା ସାହୁ, ମନୋଜ କୁମାର ଉଗ୍ରସନ୍ଧି, କ୍ରୀଡ଼ା ଶିକ୍ଷକ ସିକନ କୁମାର ବିଶ୍ୱାଳ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। କ୍ରୀଡ଼ା, ନୃତ୍ୟ, ଗୀତ, ବକ୍ତୃତା ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଛେଣ୍ଡିପଦା ବ୍ଲକରେ ଧାନମଣ୍ଡି ଉଦଘାଟିତ

**ଛେଣ୍ଡିପଦା, ୧୨ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା; କୋଶଳା, ଚାଙ୍ଗୁଡ଼ିଆ, ଛେଣ୍ଡିପଦା ଓ ବାଗଡ଼ିଆ ସେବା ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ବଲପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ବିଜୟ ମାଝୀ, କୋଶଳା ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ ସାହୁ, କୋଶଳା ସରପଞ୍ଚ, ଚାଙ୍ଗୁଡ଼ିଆ ସରପଞ୍ଚ, ସମିତି ସଭ୍ୟା, ଅକ୍ଷୟପାଦ ବେହେରା, ଚୌଧୁରୀ ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଧୋବେଇ ସାହୁ, ସୁନୀଲ ସାହୁ, ଟୁଲୁ ସାହୁ, ବାପୁନି ସାହୁ, ଜଗଦୀଶ ସାହୁ, ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଷ୍ଟ ଗେଟ୍ ପରେ ଘୋଡ଼ାଶାଳର ହେବ ସୌନ୍ଦର୍ଯ୍ୟକରଣ

ତାଳଚେରସଦର, ୧୨ ।୧(ସମିସ)

ତାଳଚେର ଏକ କଳାସଂସ୍କୃତିର ସହର। ରାଜାରାଜୁଡ଼ା ଅମଳରୁ ତାଳଚେର ଏକ ପ୍ରଭାବୀ ଅଞ୍ଚଳ ଥିଲା। ଇତିହାସ ପୃଷ୍ଠାରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଲିପିବଦ୍ଧ ହୋଇ ରହିଛି। ଏଠିକାର କଳାସଂସ୍କୃତି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ଯାହା ସ୍ଥାନୀୟ ରାଜପ୍ରାସାଦ, ଫାଷ୍ଟ ଗେଟ୍ ଓ ଘୋଡ଼ାଶାଳ ଗେଟକୁ ଦେଖିଲେ ସ୍ପଷ୍ଟ ପ୍ରମାଣିତ ହୁଏ। ତେବେ ଶହ ଶହ ବର୍ଷ ତଳର ଏହି କୀର୍ତ୍ତିରାଜିଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇ ଆସୁଥିଲା।





ରାଜନେତା ଓ ପ୍ରଶାସନିକ ଅଧିକାରୀ ଏହାକୁ ଦେଖି ମଧ୍ୟ ଆଖି ବୁଜିଦେଉଥିଲେ। କିନ୍ତୁ ତାଳଚେର ପୌର ପରିଷଦ ନଗରପାଳ ପବିତ୍ର ଭୁତିଆ ଜନସାଧାରଣଙ୍କ ଉତ୍କଣ୍ଠାକୁ ଉପଲବ୍ଧି କରି କିପରି ଏହି ପୁରୁଣା କୀର୍ତ୍ତିରାଜିଗୁଡ଼ିକ ଅବିକଳ ପୁଣି ନୂତନ ନିର୍ମାଣ ହୋଇପାରିବ ସେ ଦିଗରେ ଅଣ୍ଟା ଭିଡ଼ିଥିଲେ ଆଉ ଏଥିରେ ସଫଳ ମଧ୍ୟ ହେବାକୁ ଯାଉଛନ୍ତି। ଫାଷ୍ଟ ଗେଟ୍ ପରେ ପୌର ପରିଷଦ ପକ୍ଷରୁ ଏବେ ଘୋଡ଼ାଶାଳ ଫାଟକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିପାଇଁ ପୌର ପରିଷଦ ପକ୍ଷରୁ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାଜସାହେବଙ୍କଠାରୁ ମଧ୍ୟ ଅନୁମତି ମିଳିସାରିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଘୋଡ଼ାଶାଳ ନିକଟରୁ ଜବରଦଖଲ ଉଚ୍ଛେଦ କରାଯିବ। ଖୁବଶୀଘ୍ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରାଯିବ ଓ ରାସ୍ତାର ପ୍ରଶସ୍ତୀକରଣ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟ ସରିଲେ ତାଳଚେର ସହର ଝଲସିଉଠିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସହରର ଐତିହ୍ୟସମ୍ପନ୍ନ ଫାଷ୍ଟଗେଟ, ଘୋଡ଼ାଶାଳ ଓ ହାତୀଶାଳ ଆଦି ୩ଟି ମୁଖଶାଳାର ସୌନ୍ଦର୍ଯ୍ୟକରଣ ପାଇଁ ପୌରପରିଷଦ ବୈଠକରେ ବାରମ୍ବାର ଆଲୋଚନା ହୋଇଥିଲା। ଦୁଇ ମାସ ପୂର୍ବରୁ ଫାଷ୍ଟଗେଟ୍‌ର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିବା ବେଳେ ହାତୀଶାଳ ଏବଂ ଘୋଡ଼ାଶାଳ ମୁଖଶାଳାର ସୌନ୍ଦର୍ଯ୍ୟକରଣ ହୋଇପାରୁ ନ ଥିଲା। ଏହାକୁ ନେଇ ଗତ ପୌର ବୈଠରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ନଗରପାଳ ଭୁତିଆ ଏହି ଦୁଇ ମୁଖଶାଳା ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତୁରନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଦୁଇ ଫାଟକର ମୁଖଶାଳା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପୌର ପରିଷଦ ପକ୍ଷରୁ ୪୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଘୋଡ଼ାଶାଳ ପାଇଁ ୨୫ ଲକ୍ଷ ଓ ହାତୀଶାଳ ପାଇଁ ୧୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପୌରଯନ୍ତ୍ରୀ ଗୋଲଖ ସାହୁ ପ୍ରକାଶ କରିଛନ୍ତି। ଏଥି ସହିତ ଏହି ଦୁଇ ମୁଖଶାଳାର ଉଭୟ ପାର୍ଶ୍ୱରେ ଜବରଦଖଲ ହୋଇଥିବାରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଗକୁ ବଢ଼ିପାରୁ ନାହିଁ। ଖୁବଶୀଘ୍ର ଜବରଦଖଲ ଉଚ୍ଛେଦ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ସୂଚନା ଦେଇଛନ୍ତି। କେବଳ ସେତିକି ନୁହଁ, ଆଗକୁ ତାଳଚେର ରାଜବାଟୀ ପାଖରେ ହେବାକୁ ଥିବା ଆନିକଟକୁ ଦୃଷ୍ଟିରେ ରଖି ଘୋଡ଼ାଶାଳ ଗେଟ ରାସ୍ତା ପ୍ରଶସ୍ତୀକରଣ କରାଯିବ। ଏଥିପାଇଁ ଶନିବାର ନଗରପାଳ ଭୁତିଆ ପୌର ନିର୍ବାହୀ ଅଧିକାରୀ ଦେହୁରୀ, ଯନ୍ତ୍ରୀ ସାହୁ ଓ ରାଜାସାହେବଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜାସାହେବ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି।

- ଚମକିବ ତାଳଚେର, ୨୫ ଲକ୍ଷ ଟଙ୍କା ମଞ୍ଜୁର
- ରାଜା ସାହେବଙ୍କଠୁ ମିଳିଲା ଅନୁମତି
- ଜବରଦଖଲ ଉଚ୍ଛେଦହେବ
- ଖୁବଶୀଘ୍ର କାର୍ଯ୍ୟାରମ୍ଭ ସହ ରାସ୍ତା ପ୍ରଶସ୍ତୀକରଣ



## ଡେରାବିଶ ଅଞ୍ଚଳରେ ବଢ଼ୁଛି ଚୋରା ତେଲ ବେପାର

# ଟ୍ୟାଙ୍କରରୁ କାଢ଼ି ବିକ୍ରି କରୁଛନ୍ତି ତେଲ

ଡେରାବିଶ, ୧୨।୧(ସମିସ)

ଚଣ୍ଡିଖୋଲ-ପାରାଦ୍ୱୀପ ରାସ୍ତାର ଡେରାବିଶ ବ୍ଲକ ଅନ୍ତର୍ଗତ ଅଁଳାବାଙ୍କ ଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଦୈନିକ ହଜାର ହଜାର ଲିଟର ଚୋରା ଡିଜେଲ ଓ ପେଟ୍ରୋଲ ବିକ୍ରି ଚାଲିଛି। ଏହାର ମୁଖ୍ୟମାଧ୍ୟମ ସାଜିଛି ପାରାଦୀପରୁ ଆସୁଥିବା ତେଲ ଟ୍ୟାଙ୍କର। ତେଲ ଟ୍ୟାଙ୍କରକୁ ଖୋଲି କିଛି ବ୍ୟବସାୟୀ ଏହି ବେପାର କରୁଛନ୍ତି। ଅତି ସତର୍କତାର ସହିତ ପାରାଦୀପରୁ ଆସୁଥିବା ତେଲ ଟ୍ୟାଙ୍କର ଗୁଡ଼ିକ ଜାତୀୟ ରାଜପଥର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ରହୁଛି। ତା'ପରେ ସେଠାରେ ଅପେକ୍ଷା କରିଥିବା ଦୁଇରୁ ତିନିଜଣ ବ୍ୟକ୍ତି ପ୍ଲାଷ୍ଟିକ ଜାର ଦ୍ୱାରା ଟ୍ୟାଙ୍କରର ଇମରଜେନ୍‌ସି ବାଟଦେଇ ତେଲ ବାହାର କରୁଛନ୍ତି। କାଳେ ଟ୍ୟାଙ୍କର ଅଟକିବା ଘଟଣା ଜଣାପଡ଼ିବ, ତେଣୁ ପୂର୍ବରୁ ଜିପିଏସ୍ ସିଷ୍ଟମକୁ ବନ୍ଦ କରିଦିଆଯାଉଛି। ଏହାପରେ ଗୋଟିଏ ଟ୍ୟାଙ୍କରରୁ ସ୍ଥଳ ବିଶେଷରେ ୫୦ରୁ ୧୫୦ ଲିଟର ପର୍ଯ୍ୟନ୍ତ ତେଲ କଢ଼ାଯାଉଛି। ଏହାପରେ ଟ୍ୟାଙ୍କର ଗୁଡ଼ିକ ନିଜ ଗନ୍ତବ୍ୟ ସ୍ଥଳକୁ ଚାଲିଯାଉଛନ୍ତି। ତେଲ ଗଚ୍ଛିତ ହେବା ପରେ ବ୍ଲକର ଚୋରା ତେଲ ବେପାରୀମାନଙ୍କୁ ଏ ସମ୍ପର୍କରେ ଖବର ଦିଆଯିବା ପରେ ସେମାନେ ଟାଟା ଏସି କିମ୍ବା ୪୦୭ ଗାଡ଼ି ନେଇ ତେଲ ଜାରକୁ ଭର୍ତି କରୁଛନ୍ତି। ଏହାପରେ କାଳେ ଜଣାପଡ଼ିବ, ଗାଡ଼ି ଉପରେ ପାଲ ବନ୍ଧା ଯାଉଛି। ଦୂରରୁ ଯିଏ ଭାବିବ ଏହି ଗାଡ଼ିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯାଉଛି। ଦିନକୁ ପ୍ରାୟ ୨୦୦୦ ଲିଟର ତେଲ ଡେରାବିଶ ବ୍ଲକକୁ ଅବାଧରେ ପ୍ରବେଶ କରୁଛି। ପରେ ବ୍ଲକ ଅଧୀନରେ ଥିବା ବିଭିନ୍ନ ବେପାରୀମାନେ ଏହି ତେଲ ନେଇ ଗାଁ ଗହଳିରେ ବେପାର କରୁଛନ୍ତି। ଏହି ଚୋରା ତେଲ ବିକ୍ରୟର ମୁଖ୍ୟ କାର୍ପଟଦାର ହେଉଛନ୍ତି ଜାତୀୟ ରାଜପଥ କଡ଼ରେ ଥିବା ଚୋରା ତେଲ ସଂଗ୍ରହ କରୁଥିବା ଲୋକମାନେ। ଏହି ପ୍ରକାରର ବ୍ୟବସାୟ କିଛି ମାସ ପୂର୍ବେ ବନ୍ଦ ଥିଲା। କିନ୍ତୁ ଏହି କିଛିଦିନ ହେବ ଚୋରା ତେଲ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏସବୁ କାର୍ଯ୍ୟ କରାଯିବା ବେଳେ ପୁଲିସ ପାଟ୍ରୋଲିଂ ଟିମ୍‌ର ହାବୁଡ଼ରେ ପଡୁନାହାନ୍ତି କେମିତି ? ଯେଉଁ ତେଲ ଟ୍ୟାଙ୍କର ଗୁଡ଼ିକ ଟ୍ୟାଙ୍କରରୁ ବାହାର କରି ତେଲ ବିକ୍ରୟ କରୁଛନ୍ତି, ସେହି ଗାଡ଼ିର ଚାଳକଙ୍କ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିହାତି ଜରୁରୀ ହୋଇ ପଡ଼ିଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

## ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମ



**ରାଜକନିକା, ୧୨।୧(ସମିସ):** ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତର ଶିଳପୋଖରୀଠାରେ ପ୍ରତିଷ୍ଠିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନୁଷ୍ଠାନର ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର ବିଶ୍ୱପ୍ରସିଦ୍ଧ ସାମୁଦ୍ରିକ ଅଭୟାରଣ୍ୟ ଭିତରକନିକାର ହେନ୍ତାଳ ବନ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶ୍ୱର ସର୍ବବୃହତ୍ କୁମ୍ଭୀର ଖପୁରୀ, ଅହିରାଜ, ହରିଣ ସହ ଗୌରୀ ଓ ସଙ୍ଖୁଆ ମଲ୍ଲୀ କୁମ୍ଭୀରକୁ ଦେଖି ସେମାନଙ୍କ ଭିନ୍ନ ଜୀବନଚର୍ଯ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଦେବେନ୍ଦ୍ରନାଥ ପ୍ରଧାନ ଓ କାଦମ୍ବିନୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠାନର ଗୁରୁମା ଆଶାରାଣୀ ଦାସ, ଶକୁନ୍ତଳା ପ୍ରଧାନ, ସସ୍ମିତା ମଣ୍ଡଳ, ଏଲିରାଣୀ ବେହେରା, ସହାୟିକା ମନୋରମା ବାରିକ, କର୍ମଚାରୀ ପପୁ ମହାନ୍ତି ପ୍ରମୁଖ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ଯାଏ ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ଚତୁର୍ଥ ଶ୍ରେଣୀର ଛାତ୍ର ଆଶୁତୋଷ ସାହୁ ଶିକ୍ଷାଭ୍ରମଣ କାର୍ଯ୍ୟକ୍ରମର ସୁଫଳ ବିଷୟରେ କହିଥିଲେ। ବନବିଭାଗର ରେଞ୍ଜର ମାନସ ରଞ୍ଜନ ଦାସ ଓ ସମାଜସେବୀ ନୃସିଂହ ଚରଣ ବେହେରା ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିଥିଲେ।

## ରାମନଗରରେ ବିଶାଳ ସ୍ୱାସ୍ଥ୍ୟସେବା ଶିବିର

**ମହାକାଳପଡ଼ା, ୧୨।୧(ସମିସ):** ମହାକାଳପଡ଼ା ବ୍ଲକ ରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ବିଶାଳ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା, ରାମଚଣ୍ଡୀ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଶ୍ରମିକ ସଂଗଠନର ସହଯୋଗରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିଲା ଏହି ଶିବିରରେ ୧୦ଟି ବିଭାଗର ବିଶେଷଜ୍ଞ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ଟିମ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଦେବା ସହିତ ଔଷଧ ବିତରଣ କରିଥିଲେ। ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ କୈବର୍ତ୍ତ ମହାସଭାର ସଭାପତି ଦେବେନ୍ଦ୍ରନାଥ ବେହେରା, ରାଜକିଶୋର ମହାପାତ୍ର, ବିଷ୍ଣୁ ଚରଣ ବେହେରା, କେଦାର ବେହେରା, ରାଜକିଶୋର ବେହେରା, ଶ୍ରମିକ ସଂଗଠନର ସଭାପତି ଫକୀର ଚରଣ ବେହେରା, ସମ୍ପାଦକ ଅଲେଖ ନାୟକ, ଚକ୍ରଧର ଗୁଡ଼ିଆ, ଶେଖର ବେହେରା, ପ୍ରଦୀପ୍ତ ମହାନ୍ତି, ସଞ୍ଜୁଲତା ଦାସ, କମଳା ଗାଏନ, ନାଥ କୁମାର ଭୋଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ, ଗୁରୁମା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଶିବିରରେ ୧୮୦୦ ରୋଗୀଙ୍କର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା।

## କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ




**ଡେରାବିଶ, ୧୨।୧(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବରେ ପ୍ରମୋଦ କୁମାର ପ୍ରତାପ ଓ ସମ୍ମାନିତ ଅତିଥି ଭାବରେ କ୍ରୀଡ଼ାବିତ୍ ଅଲେଖ ଚନ୍ଦ୍ର ପୃଷ୍ଟି ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଓ କ୍ରୀଡ଼ାକୁ ନେଇ କ୍ୟାରିୟର ଗଢ଼ାଯାଇପାରିବ ବୋଲି ତାଙ୍କ ବକ୍ତବ୍ୟରେ କହିଥଲେ। ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ କ୍ୟାମ୍ପସର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଅତିଥିମାନେ ପତାକା ଦେଖାଇ କ୍ରୀଡ଼ା ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ର ଏବଂ ଛାତ୍ରୀଙ୍କୁ ପୃଥକ ଭାବରେ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦାଶ, ଦୁର୍ଗା ପ୍ରସାଦ ପଣ୍ଡା, ଶୁଭଙ୍କର ସିହ୍ନା, ମନୋଜ କୁମାର ପୋଥାଳ, ସୌମେନ୍ଦ୍ର ଭୂୟାଁ, ବିଜୟ କୁମାର ମଲିକ, ବିଶ୍ୱଜିତ ସ୍ୱାଇଁ, ଚିତରଞ୍ଜନ ସାମଲ, ଅବିନାଶ ପଲାଇ, ଶିବ ପ୍ରସାଦ ସାହୁ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ଲିପିକା ପ୍ରଧାନ, ସୁନିତା ପ୍ରତାପ, ସଙ୍ଗିତା ନାୟକ, ମଧୁସ୍ମିତା ପଲାଇ, ବିଜୟଲକ୍ଷ୍ମୀ ପାତ୍ର, ସ୍ୱାଗତିକା ପ୍ରଧାନ, ତପସ୍ୱିନୀ ସାହୁ, ଦମୟନ୍ତୀ ସ୍ୱାଇଁ, ଶୁଭଶ୍ରୀ ନାୟକ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ତିନିଦିନ ଧରି ଚାଲିବ ବୋଲି ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## 'ଟିକେ ନାଚ, ଟିକେ ଗୀତ' କାର୍ଯ୍ୟକ୍ରମ




**ଡେରାବିଶ, ୧୨।୧(ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ଆଜି ଅପରାହ୍ନରେ ମାନବ ସେବା ହିଁ ମାଧବ ସେବା ଟ୍ରଷ୍ଟ ପକ୍ଷରୁ 'ଟିକେ ନାଚ ଟିକେ ଗୀତ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି କ୍ଷୀରୋଦ ଚନ୍ଦ୍ର ବିହାରୀଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ପ୍ରଧାପକ ଅଜୟ କୁମାର ରାଉତ, ମୁଖ୍ୟବକ୍ତା ଭାବେ ବାଲୁଙ୍କେଶର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ, ସମ୍ମାନିତ ଅତିଥ ଠିଭାବେ ମନିଷା ପଣ୍ଡା, ଭାଗବତ ସାହୁ, ଦୈତାରୀ ଜେନା, ବିଜୟ କୁମାର ପରିଡ଼ା, ଶରତ କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଫଟୁଆ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟସଦସ୍ୟାମାନେ ପରିଚାଳନା କରିଥିଲେ।

## ଆଳି-କନିକା ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ



**ରାଜକନିକା, ୧୨।୧(ସମିସ):** କଟକ ଓ ଭୁବନେଶ୍ୱରରେ ରହି ନିଜ ଅଞ୍ଚଳର ସାମୂହିକ ବିକାଶରେ ବ୍ରତୀ ରହୁଥିବା ଅନନ୍ୟ ସାମାଜିକ ସଂଗଠନ ଆଳି କନିକା ଉନ୍ନୟନ ପରିଷଦର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଟକର ଭୁଆଷୁଣି ନଦୀ ପଠାରେ ଆଜି ପୂର୍ବାହ୍ନ ୧୧ଟାରେ ଆୟୋଜିତ ଉତ୍ସବରେ କଟକର ମେୟର ସୁବାସ ସିଂ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ସାହିତ୍ୟିକ ହରେକୃଷ୍ଣ ବାରିକ, ସାମ୍ବାଦିକ ସୁକାନ୍ତ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ସମାଜସେବୀ ନରୋତ୍ତମ ଦାସ ପ୍ରମୁଖ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରିଷଦର ସଭାପତି ନିରଞ୍ଜନ ଜେନା ସଭା ପରିଚାଳନା, ଉପ ସଭାପତି ନନ୍ଦ କିଶୋର ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦକ ପ୍ରକାଶ ରଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଚକ୍ରଧର ବେହେରା ଆଗାମୀ କାର୍ଯ୍ୟ ଖସଡ଼ା ନେଇ ପ୍ରସ୍ତାବ ଆଗତ କରିଥିଲେ। ବାର୍ଷିକ ଉତ୍ସବରେ ତିନି ଜଣ ନୂତନ ସଦସ୍ୟ ଯୋଗଦାନ କରିଥିଲେ।

'ସାଇକଲ୍ ଚଳାଅ, ସୁସ୍ଥ ରୁହ' ବାର୍ତ୍ତା

## ସମ୍ବଲପୁରରୁ କେନ୍ଦ୍ରାପଡ଼ାରେ ପହଞ୍ଚିଲେ ଶୁଭମ୍

**କେନ୍ଦ୍ରାପଡ଼ା, ୧୨।୧(ସମିସ):** ସାଇକଲ୍ ଚଳାଇ ଶରୀରକୁ ସୁସ୍ଥ ରଖିବା ବାର୍ତ୍ତା ନେଇ ରାଷ୍ଟ୍ରୀୟ ଯୁବ ଦିବସରେ କେନ୍ଦ୍ରାପଡ଼ାକୁ ସାଇକଲ ଯୋଗେ ଆସିଛନ୍ତି ସମ୍ବଲପୁର କୁଚିଣ୍ଡା ଅଞ୍ଚଳର ଯୁବକ ଶୁଭମ୍ ବାରିକ। ଶରୀରକୁ ସୁସ୍ଥ ରଖିବା ତଥା ପରିବେଶକୁ ସୁସ୍ଥ ରଖିବାକୁ



ଶୁଭମ୍‌ଙ୍କ ଏହି ଉଦ୍ୟମକୁ ପ୍ରଶଂସା କରି ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସାଇକଲ କ୍ଲବ' ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଶୁଭମ୍ ଏପର୍ଯ୍ୟନ୍ତ ୮ଟି ଜିଲ୍ଲା ଅତିକ୍ରମ କରିସାରିଥିବା ବେଳେ ତାଙ୍କୁ ଘରୁ ବାହାରିବାର ୧୭ଦିନ ହୋଇସାରିଲାଣି। ଆଗାମୀ ଦିନରେ ଅବଶିଷ୍ଟ ଜିଲ୍ଲା ଅତିକ୍ରମ କରିବା ସହ ସମସ୍ତଙ୍କ ପାଖରେ ଏହି ମହାନ୍ ସାମାଜିକ ବାର୍ତ୍ତା ପହଞ୍ଚାଇବାକୁ ସେ ଯୋଜନା ରଖିଛନ୍ତି।

## ବଂଶୀଧର-ସତ୍ୟଭାମା ସ୍ମାରକୀ କ୍ରିକେଟ୍; ଅରଡ଼ପଲ୍ଲୀ ବିଜୟୀ

**ପଟ୍ଟାମୁଣ୍ଡାଇ, ୧୨।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ଅଧୀନ ଅଠରବାଟିଆ ବିପିଏଲ ଷ୍ଟାର୍‌ସ ଆନୁକୂଲ୍ୟରେ ଅନୁଷ୍ଠିତ ବଂଶୀଧର-ସତ୍ୟଭାମା ମେମୋରିଆଲ କପ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ନରସିଂହପୁର କ୍ରିକେଟ୍ କ୍ଲବ ଓ ଅରଡପଲ୍ଲୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୩ ଓଭରରେ ନରସିଂହପୁର କ୍ରିକେଟ୍ କ୍ଲବ ୨ ୱିକେଟ ହରାଇ ୫୯ ରନ ସଂଗ୍ରହ କରିଥିଲା। ଏହାର ପିଛା କରି ଅରଡପଲ୍ଲୀ କ୍ରିକେଟ୍ କ୍ଲବ ୨.୨ ଓଭରରେ ୯ ୱିକେଟ ଥାଇ ବିଜୟ ଲାଭ କରି ଚାମ୍ପିଅନ୍ ହୋଇଥିଲା। ସମାଜସେବୀ ଅନିଲ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ବରିଷ୍ଠ ସମାଜସେବୀ ତଥା ୧୭ ନମ୍ବର ଜୋନ୍ ବିଜେପି ପ୍ରତିନିଧି ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ବରିଷ୍ଠ ବିଜେପି ନେତା ମିଟୁମନୋଜ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ନରସିଂହପୁର



କ୍ରିକେଟ୍ କ୍ଲବକୁ ରନର୍ସ କପ ପ୍ରଦାନ କରିବା ସହିତ ବିଜୟୀ ଅରଡପଲ୍ଲୀ କ୍ରିକେଟ୍ କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବ ଆଡଭୋକେଟ ଅଶ୍ୱିନୀ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସମୀର ଦାସ ଓ ଅଭୟ ସାହୁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥଲେ। ପବିତ୍ର ପଣ୍ଡା ଓ ପ୍ରଦ୍ୟୁମ୍ନ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସୌମ୍ୟ ରଞ୍ଜନ ଦାସ, ବିପ୍ର ରଞ୍ଜନ ବାରିକ, ବିଶ୍ୱ ରଞ୍ଜନ ଦାସ, ସ୍ୱପ୍ନଜିତ ପରିଡ଼ା, ପ୍ରମୋଦ ଦାସ, ବବୁଲ ନାଥ ପରିଚାଳନାରେ ସହଯୋଗ କରିଥିଲେ।

## ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ସମାବେଶ

**ଡେରାବିଶ, ୧୨।୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆଠାରେ ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି କ୍ଷୀରୋଦ କୁମାର ଘଡ଼ାଇ ଅଧ୍ୟକ୍ଷତା କରିଥିଲେ। ସଭାରେ ସମ୍ପାଦକ ବାଇଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସହିତ ସଂଗଠନ ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତି ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଉପସ୍ଥିତ ସଂଗଠନର ସମସ୍ତ ସଭ୍ୟସଭ୍ୟା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଭାଗ ନେଇଥିଲେ। ଶେଷରେ ଶାନ୍ତିମନ୍ତ୍ର ଉଚ୍ଚାରଣ ପରେ କୋଷାଧ୍ୟକ୍ଷ ବିଭୂତି ଭୂଷଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିବେକାନନ୍ଦ ଏକାଡେମୀ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ

**ପଟ୍ଟାମୁଣ୍ଡାଇ, ୧୨।୧ (ସମିସ):** ପଟ୍ଟାମୁଣ୍ଡାଇ ଦି ବିବେକାନନ୍ଦ ଏକାଡେମୀ ପକ୍ଷରୁ ରାଷ୍ଟ୍ରୀୟ ଯୁବା ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଅଧ୍ୟାପକ ରାନେସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗାଳ୍ପିକ ପ୍ରଦୀପ କୁମାର ନାୟକ, ଏବିଭିପି ପ୍ରାକ୍ତନ ରାଜ୍ୟ ଉପସଭାପତି ବୈଲୋଚନ ଦାସ, ଅଧ୍ୟାପକ ଅଭିମନ୍ୟୁ ମହାନ୍ତି ଓ ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ଜିଲ୍ଲା ସଂଗଠନ ସମ୍ପାଦକ ଦେବାଶିଷ ଦାଶ, କଟକ ବିଭାଗ ସହ ସଂଯୋଜକ ସତ୍ୟରଞ୍ଜନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜିକା ପୂର୍ଣ୍ଣିମା ଜେନା ଯୋଗ ଦେଇଥିଲେ। ରୁପେଶ କୁମାର ସାହୁ ସ୍ୱାଗତଭାଷଣ ଓ ପୁଷ୍ପଲତା ରାଉଳ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ସ୍ମୃତି ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଲିଶାରାଣୀ ସାହୁ, ସୁବାଶିଷ ଦାସ, ଜଗନ୍ନାଥ ଦାସ, ସତ୍ୟ ନାରାୟଣ ମଲ୍ଲିକ, ଜୟଦେବ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।



## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଡେରାବିଶ, ୧୨।୧(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ଗ୍ରାମସ୍ଥିତ ଇଚ୍ଛାବିହାରୀ କ୍ଷେତ୍ରରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞରେ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ମନୋଜ କୁମାର ମିଶ୍ର, ସହଯୋଗୀ ଭାବେ ପଣ୍ଡିତ କରୁଣାକର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବାସୁଦେବ ପାଣି, ରଞ୍ଜନ ନନ୍ଦ, ମନୋଜ ନନ୍ଦ ଓ ଗୋପାଳ ଷଡ଼ଙ୍ଗୀ ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିବା ବେଳେ କର୍ତ୍ତା ଭାବେ କଳ୍ପତରୁ ଶତପଥି ଓ ତାଙ୍କ ପତ୍ନୀ କବିତା ରଥ, ରବୀନ୍ଦ୍ର କୁମାର ବଳ ଓ ତାଙ୍କ ପତ୍ନୀ ମିନତି ବଳ, ସୁଖଦାନନ୍ଦ ପ୍ରଧାନ ଓ ତାଙ୍କ ପତ୍ନୀ କନକଲତା ପ୍ରଧାନ, ଲେଲିନ ବାରିକ ଓ ତାଙ୍କ ପତ୍ନୀ ପୂର୍ଣ୍ଣିମା ପଲ୍ଲବୀ ଦାସ, ଅବିନାଶ ପ୍ରଧାନ ଓ ତାଙ୍କ ପତ୍ନୀ ଦିପ୍ତିମୟୀ ପ୍ରଧାନ ଉପସ୍ଥିତ ରହିଥିଲେ। ଏହି ଯଜ୍ଞ କାର୍ଯ୍ୟକୁ ଅର୍ତାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ବେଲତଳ ନୋଡାଲ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ



**ପଟ୍ଟାମୁଣ୍ଡାଇ, ୧୨।୧ (ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଭଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ୧୯ ନମ୍ବର ୱାର୍ଡ କାଉନ୍‌ସିଲର ଗୋପୀ ବଲ୍ଲଭ ନାୟକ, ମୁଖ୍ୟ ଅତିଥି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ୍‌ଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଲାଭ କରି ସୁନାମ ଅର୍ଜନ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ସଂଘ ମିଟର ନାୟକ, କବି ଗୌରାଙ୍ଗ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ ମହାରଣା, ଶିକ୍ଷୟିତ୍ରୀ ଇଭା ଦାସ, ବିଶ୍ୱରଞ୍ଜନ ଦାଶ, ଗୌତମ ସାହୁ, ରାଜଶ୍ରୀ ତ୍ରିପାଠୀ, ସୁଜାତା ଓରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷକ କୃପାସିନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ଡେରାବିଶ, ୧୨।୧(ସମିସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଆଜି ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଣିଓଳା ସ୍ଥିତ ଉତ୍କଳ ଯୁବ ଚେତନା ପରିଷଦ ପକ୍ଷରୁ ଆୟୋଜିତ ସ୍ୱାମୀଜୀଙ୍କ ଜୟନ୍ତୀ ଓ ୧୩ତମ ଯୁବ ଛାତ୍ର ସମାବେଶରେ ପରିଷଦର ସଭାପତି ସୁଖଦାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ଥ ପୁରୁଷୋତ୍ତମ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସମାଜସେବୀ ସିଦ୍ଧାର୍ଥ ମିଶ୍ର, ସ୍ୱତନ୍ତ୍ର ଅତିଥିଭାବେ ବରିଷ୍ଠ ସମାଜସେବୀ ପ୍ରଧାପକ ଅଜୟ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ ବିଜୟ



କୁମାର ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନାଗରିକ ପତିତପାବନ ସ୍ୱାଇଁ, ଗୋଲଖ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ରଘୁନାଥ ଶତପଥି ଓ ପ୍ରଶାନ୍ତ କୁମାର ଶତପଥି ଯୋଗଦେଇ ହିନ୍ଦୁ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇ ଭାରତର ଧର୍ମ ଓ ସଂସ୍କୃତିକୁ ସାରା ବିଶ୍ୱରେ ପରିଚିତ କରାଇ ପାରିଥିବା ସ୍ୱାମୀ ବିବେକାନନ୍ଦଙ୍କ ମହନୀୟ ଗୁଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ତାଙ୍କ ଆଦର୍ଶରେ ଆଜିର ଯୁବ ସମାଜ ଅନୁପ୍ରାଣୀତ ହୋଇପାରିଲେ ଭାରତର ସମଗ୍ର ପୃଥିବୀରେ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଦିଲୀପ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ବଳ, ଅନନ୍ତ ସାମଲ, ଜୟନ୍ତ ସ୍ୱାଇଁ, ଦୋଳଗୋବିନ୍ଦ ଘଡ଼େଇ ଓ ରମେଶ ବରାଳ ପ୍ରମୁଖ ପରିଚାଳନା କରିଥିଲେ। ('ଟୋ-୧)

## ଏସ୍‌ଭିଏମ୍ କଲେଜରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ
# 'ବିବେକାନନ୍ଦଙ୍କ ଅବଦାନ ଚିରସ୍ମରଣୀୟ'

**ଜଗତସିଂହପୁର, ୧୨।୧ (ସମିସ):** ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ




ମହାବିଦ୍ୟାଳୟରେ ମହାନ ସନ୍ଥ ତଥା ଭାରତୀୟ ଯୁବମାନସର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶ, ତ୍ୟାଗ ଏବଂ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ଦିଗରେ ତାଙ୍କର ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଶୈକ୍ଷିକ ଅଧିକାରୀ ଅନନ୍ତ ଚରଣ ଆଚାର୍ଯ୍ୟ, ଅଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ ଏବଂ ଅଧ୍ୟାପକ ସତ୍ୟଜିତ୍ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ମିଡିଆ ସେଲ୍‌ର ଦାୟିତ୍ୱରେ ଥିବା ଅଧ୍ୟାପକ ଶୁଭେନ୍ଦୁ ମଉଳି ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଫେବୃଆରୀ ୭ରେ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ
# ଜାତୀୟ ଯୁବ ଦିବସରେ ପଦଯାତ୍ରା କରି ସଚେତନତା






**ପାରାଦୀପ, ୧୨।୧(ସମିସ):**

ଫେବୃୟାରୀ ୭ ରୁ ୯ ତାରିଖ ତିନିଦିନ ଧରି ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମହାଆଡମ୍ବରରେ ପାଳନ କରାଯିବ। ଏଥିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବୀରୋଧୀଦଳର ନେତାଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆଜି ମହାବିଦ୍ୟାଳୟ ପକ୍ଷରୁ ଯୁବ ଦିବସ ପାଳନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଆଲୁମିନି ଆସୋସିଏସନର କର୍ମକର୍ତ୍ତା ମାନେ ଏହି ସୂଚନା ଦେଇଥିଲେ। ଆଜି ପବିତ୍ର ଜାତୀୟ ଯୁବ ଦିବସରେ ପାରାଦୀପ ମହାବିଦ୍ୟାଳୟ ଓ ଆଲୁମିନି ଆସୋସିଏସନର ମିଳିତ ସହଯୋଗରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।ଏହି ପଦଯାତ୍ରା ପାରାଦୀପ ମହାବିଦ୍ୟାଳୟଠାରୁ ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏହାକୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିବା ବେଳେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ତଥା ଆଲୁମିନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳ, ସମ୍ପାଦକ ଗୌତମ ନାୟକ, ବରିଷ୍ଠ ସଭ୍ୟ ରବି ଦାସ ଓ ବହୁ ଆଲୁମିନି ସଦସ୍ୟ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଫେବୃଆରୀରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ପ୍ରଚାର ପ୍ରସାର ପାଇଁ ଆଜି ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସମେତ ଆଲୁମିନି ସଦସ୍ୟ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ଶଙ୍କର ମହାପାତ୍ର ଓ ଡଃ ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ରହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଗଣେଶ୍ୱର ପାତ୍ର, ମୁଖ୍ୟ କିରାଣୀ ପ୍ରଶାନ୍ତ କୁମାର ରଥଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ ଆଲୁମିନି ସହଯୋଗ କରିଥିଲେ।

# ସାଗରିକା କଳା ନିକେତନର ଓଡ଼ିଶୀ ନୃତ୍ୟ ଦଳ ପ୍ରଶଂସିତ

**ପାରାଦୀପ, ୧୨।୧ (ସମିସ):** ବନ୍ଦର ନଗରୀ ପାରାଦୀପର ସର୍ବପୁରାତନ ଅନୁଷ୍ଠାନ ଏବଂ ଓଡ଼ିଶୀ ନୃତ୍ୟ ଶିକ୍ଷାର ଏକ୍ତୁଡ଼ିଶାଳ ସାଗରିକା କଳା ନିକେତନର ଛାତ୍ରଛାତ୍ରୀମାନେ ଭୁବନେଶ୍ୱରର ଜୟଦେବ ଭବନ ଠାରେ ନୃତ୍ୟ ବିଳାସ ତରଫରୁ ଆୟୋଜିତ ପଦ୍ମଶ୍ରୀ ଡା ମିନତି ମିଶ୍ର ଓ ଗୁରୁଶ୍ରୀ ଗନ୍ଧି ମଲ୍ଲିକ ସମ୍ମାନ ୨୦୨୫ କାର୍ଯ୍ୟକ୍ରମରେ ଓଡିଶୀ ତଥା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରି ବନ୍ଦର ସହରକୁ ପ୍ରଶଂସା ଆଣିଦେଇଛନ୍ତି। ସାଗରିକା କଳା ନିକେତନର ଛାତ୍ରଛାତ୍ରୀମାନେ ନିୟମିତ ଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସହରକୁ କେବଳ ପ୍ରଶଂସା ଆଣି ଦେଇନାହାନ୍ତି, ତାହା ସହିତ ଓଡ଼ିଶୀ ନୃତ୍ୟର ପ୍ରଚାର ଏବଂ ପ୍ରସାର କରିଚାଲିଛନ୍ତି। ଏହି ଅନୁଷ୍ଠାନର ଗୁରୁ ବ୍ରଜ କିଶୋର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଥିବା ବନ୍ଦର ଅଧିକାରୀ ତଥା କର୍ମଚାରୀ ମାନଙ୍କ ପିଲାମାନେ ସଦ୍ୟ ସମାପ୍ତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟ ସମସ୍ତ ବନ୍ଦରକୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଥିଲେ ଓ ପ୍ରଶଂସା ସାଉଁଟି ଥିଲେ। ଏହା ମଧ୍ୟରେ ସାଗରିକା କଳା ନିକେତନ ଅନେକ ଛାତ୍ର ଛାତ୍ରୀ ସୃଷ୍ଟି କରିସାରିଛି। ସେମାନଙ୍କ ମଧ୍ୟରୁ ଶୁଭଶ୍ରୀ ବେଉରା, ସ୍ମୃତିକାନ୍ତ ଶର୍ମା, ଅନ୍ୱେଷା ପରିଡ଼ା ଆଦି ଓଡ଼ିଶୀ ନୃତ୍ୟକୁ ପେଶା ଭାବରେ ଗ୍ରହଣ କରି ନୂତନ ପିଢ଼ିକୁ ଶିକ୍ଷା ଦେବା ସହ ଅର୍ଥ ଉପାର୍ଜନ କରିବାରେ ସଫଳ ହୋଇ ପାରିଛନ୍ତି।




## ବିଶିଷ୍ଟ କଣ୍ଠଶିଳ୍ପୀ ସଚ୍ଚିଦାନନ୍ଦ ତ୍ରିପାଠୀ ସମ୍ବର୍ଦ୍ଧିତ

**କୁଜଙ୍ଗ, ୧୨।୧(ସମିସ):** କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବାଉଲାଙ୍ଗ ଗ୍ରାମର ସେବା ନିବୃତ୍ତ ଅର୍ଦ୍ଧ ସାମରିକ ବାହିନୀ ଅଧିକାରୀ ତଥା କଣ୍ଠ ଶିଳ୍ପୀ ସଚ୍ଚିଦାନନ୍ଦ ତ୍ରିପାଠୀଙ୍କୁ ଗ୍ରାମାଞ୍ଚଳରେ କଳା, ସଂସ୍କୃତି ଓ ସାହିତ୍ୟର ପ୍ରଚାର ପାଇଁ ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରାହାଳୟ ସଭାଗୃହରେ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବିଶେଷ ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଡଃ. ବାବାଜୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅଧ୍ୟାପକ ବିଶ୍ୱରଞ୍ଜନ, ଡଃ.ଭାଗ୍ୟଲିପି ମଲ୍ଲ, ଡଃ.ରକ୍ଷକ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ତ୍ରିପାଠୀଙ୍କ କୃତିତ୍ୱରେ ଶିକ୍ଷାବିତ୍ ପ୍ରମୋଦ କୁମାର ମହାନ୍ତି, ଶିବ ପ୍ରସାଦ ସ୍ୱାଇଁ, ସୁଶାନ୍ତ କୁମାର ନାୟକ, ହରେକୃଷ୍ଣ ସ୍ୱାଇଁ, ନିତ୍ୟାନନ୍ଦ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ବାଲିକୁଦା ବ୍ଲକ୍ ଛାତ୍ର କଂଗ୍ରେସ ବୈଠକ



**ବାଲିକୁଦା, ୧୨।୧(ସମିସ):** ବାଲିକୁଦା ବ୍ଲକ ଛାତ୍ର କଂଗ୍ରେସ ପକ୍ଷରୁ ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତ ସ୍ଥିତ ମା' ଜାଗୁଲାଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର କୋଣ ଅନୁକୋଣରୁ ଛାତ୍ର କଂଗ୍ରେସ ସଭ୍ୟ ମାନେ ଆସି ଅଂଶଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ହେବ କଲେଜରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ହେଲେ ନୂଆ ରାଜ୍ୟ ସରକାର ଛାତ୍ର ନିର୍ବାଚନ ପୁନଃ କରିବା ପାଇଁ ଘୋଷଣା କରିଥିବା କାରଣରୁ ଆଗାମୀ ଛାତ୍ର ସଂସଦ ନିର୍ବାଚନ ସମୟରେ ଛାତ୍ର କଂଗ୍ରେସ କିଭଳି ସଫଳତା ପାଇବ ସେ ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସୁଶାନ୍ତ ଦାସ, ବାଲିକୁଦା-ଏରସମା ଯୁବ କଂଗ୍ରେସ ସଭାପତି ମିଳନ ମହାରଣା, ଯୁଧିଷ୍ଠୀର ପରିଡ଼ା, ଆକାଶ ସ୍ୱାଇଁ, ଅମରେଶ ସାହୁ, ପ୍ରବୀଣ ମହାନ୍ତି, ସୌଭାଗ୍ୟ ଦାସ, ସତ୍ୟପ୍ରକାଶ ସ୍ୱାଇଁ, ଅବିନାଶ ପୁହାଣ, ଯଯାତିକେଶରୀ ବିଶ୍ୱାଳ, ଦିଲୀପ ମାହାର ପ୍ରମୁଖ ଛାତ୍ର ଓ ଯୁବ ନେତା ମାନେ ଛାତ୍ର ରାଜନୀତିରେ ସଫଳତା ପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର କଂଗ୍ରେସ ସଭ୍ୟ ଉପସ୍ଥିତ ଥିଲେ।

## ବାମପନ୍ଥୀ ନେତା ନନ୍ଦକିଶୋର ଧଳଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୨।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ବାମପନ୍ଥୀ ନେତା ଆଜୀବନ ସଂଗ୍ରାମୀ ନନ୍ଦ କିଶୋର ଧଳଙ୍କ ଏକାଦଶାହ ଅବସରରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ତରଡ଼ିପାଳଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଧୋୟାଞ୍ଚଳ ବିକାଶ ମଞ୍ଚ ସମ୍ପାଦକ ରାଜ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ନୂଆଦିଲ୍ଲୀ ଓଡ଼ିଆ ସମାଜ ସମ୍ପାଦକ ଗୋବର୍ଦ୍ଧନ ଧଳ, ପୂର୍ବତନ ବ୍ଲକ ଅଧକ୍ଷ ମାନସ ସାମଲ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ, ଡ. ରଞ୍ଜନ ବିଶ୍ୱାଳ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ତରଡ଼ିପାଳ ପୂର୍ବତନ ସମିତି ସଭ୍ୟ ଅଶୋକ ବିଶ୍ୱାଳ ଓ ଦେବେନ୍ଦ୍ର ବିଶ୍ୱାଳ ବାମପନ୍ଥୀ ନେତା ଗୟାଧର ଧଳ, ଜଗତଜୀବନ ଦାସ, ସଲିଳେନ୍ଦୁ ମହାନ୍ତି, ଶିକ୍ଷାବିତ ଅରୂପାନନ୍ଦ ବିଶ୍ୱାଳ, କଂଗ୍ରେସ ନେତା ଧନେଶ୍ୱର ପ୍ରଧାନ, କୃଷକନେତା ପାରେଶ୍ୱର ବିଶ୍ୱାଳ, ଦାଶରଥୀ ସାହୁ, ଅକ୍ଷୟ ଲେଙ୍କା, ଭାରତ ଭୂଷଣ ନାୟକ, ଶିକ୍ଷାବିତ ସନାତନ ତରାଇ, ସଙ୍ଗୀତଜ୍ଞ ସୁଧାଂଶୁ ଦାସ, ପ୍ରେମାନନ୍ଦ ସୂତାର, କାର୍ତିକ ରାଉତ, ନାରାୟଣ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଦିବଂଗତ ବାମପନ୍ଥୀ ନେତା ନନ୍ଦ କିଶୋର ଧଳଙ୍କ ଜୀବନବ୍ୟାପି ସଂଗ୍ରାମ, ଅଞ୍ଚଳର ବିକାଶ ଓ ସାଧାରଣ ଲୋକଙ୍କ ଅଧିକାର ପାଇଁ ଲଢେଇ ସମ୍ପର୍କରେ ଆଲୋକପାତ କରି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଉଷାରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଶୋକ ସାହୁ, ଅଜୟ ଧଳ, ଅରୁଣ ଧଳ, ଅରୁଣ ସାହୁ, ଗଗନ ଧଳ, ନାରାୟଣ ଧଳ ଓ ଶଙ୍କର୍ଷଣ ଧଳ ପରିଚାଳନା କରିଥିଲେ।

## ସାରସ୍ୱତ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**କୁଜଙ୍ଗ, ୧୨।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭ୍ରମରକୋଲା ସାରସ୍ୱତ ଶିଶୁ ମନ୍ଦିରର ୨୭ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୁପେ ପୋତାନଇ ସରପଞ୍ଚ ବ୍ରଜ କିଶୋର ମହାରାଜ ଯୋଗ ଦେଇ ଆଜି କ୍ରୀଡ଼ା କେବଳ ମନୋରଞ୍ଜନ ପାଇଁ ନୁହେଁ, ଏହାକୁ ଶହ ଶହ ଯୁବକ କ୍ୟାରିଅର କରିବା ଆମ ଦେଶ ତଥା ରାଜ୍ୟ ପାଇଁ ଶୁଭଙ୍କର ବୋଲି କହିଥିଲେ। ଏହି ସାରସ୍ୱତ ଶିଶୁ ମନ୍ଦିରରେ ପାଠ ସହ କ୍ରୀଡ଼ା ଓ ନୈତିକ ଶିକ୍ଷାକୁ ପ୍ରାଧାନ୍ୟ ଦେବା ସାଧୁବାଦର ବିଷୟ ବୋଲି ମଧ୍ୟ ସେ କହିଥିଲେ। ବିଶିଷ୍ଟ ମଞ୍ଚ ଉପସ୍ଥାପକ ତଥା ଓଷ୍ଟାର କୁଜଙ୍ଗ ବ୍ଲକ ସମ୍ପାଦକ ବିନୋଦ ବିହାରୀ ମୁଦୁଲି ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ କ୍ରୀଡ଼ା କିପରି ଛାତ୍ରଙ୍କ ପାଇଁ ଜରୁରୀ ତାହା ବିଭିନ୍ନ ମହାପୁରୁଷ ଓ କ୍ରୀଡ଼ାବିତ୍‌ଙ୍କ ଜୀବନରୁ ଉଦ୍ଧାର କରି ବୁଝାଇ ଥିଲେ। ସମ୍ମାନିତ ଅତିଥି ରୁପେ ଗରେଇ ଶାସନ ସିଆରସିସି ଜିତେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ଗୁରୁମା ମମତା ସ୍ୱାଇଁ, ପାର୍ବତୀ ଦାଶ, ଭାରତୀ ଶତପଥୀ, ସାବିତ୍ରୀ ଲେଙ୍କା, ତୃପ୍ତିମୟୀ ନାହାନ୍ତି, ତପସ୍ୱିନୀ ମହାନ୍ତି, ଅଳକା ବିଶ୍ୱାଳ, ବିନି ବିଶ୍ୱାଳ, ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ସନ୍ଧ୍ୟାରାଣି ଓଝା ପ୍ରମୁଖ କ୍ରୀଡ଼ା ଓ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଦେଶରେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବିଜୁ ଜନତା ଦଳର ସମାବେଶ



**ନାଉଗାଁ, ୧୨।୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଳାଧାରୀ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତର ସରପଞ୍ଚ ଦିଲୀପ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଉପସ୍ଥିତ କର୍ମୀ ମାନଙ୍କୁ ନବବର୍ଷର ଶୁଭକାମନା ଜଣାଇଥିଲେ। ଏହି ପଞ୍ଚାୟତରେ ବିଜୁଜନତା ଦଳ କିପରି ଅଧିକ ସୁଦୃଢ ହୋଇପାରିବ ସେଥିପ୍ରତି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡ଼ା, ଦିଲୀପ କୁମାର ଲେଙ୍କା, ବସନ୍ତ କୁମାର ପାଢ଼ୀ ଓ ନିମାଇ ଚରଣ ସ୍ୱାଇଁଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟମାନେ ଯୋଗଦାନ କରିଥିଲେ।

## ■ ଶ୍ରୀସତ୍ୟସାଇ ଯୁବ ବିଭାଗର ନ୍ୟାସନାଲ୍ କ୍ରିକେଟ୍ ଲିଗ୍
# ଯଦୁପୁରକୁ ହରାଇ ବିଶ୍ୱାଳୀ ଚାମ୍ପିଅନ୍



**ପାରାଦୀପ, ୧୨।୧ (ସମିସ) :**

ଶ୍ରୀ ସତ୍ୟସାଇ ଯୁବ ବିଭାଗ ଜଗତସିଂହପୁର ଆନୁକୂଲ୍ୟରେ ନ୍ୟାସନାଲ କ୍ରିକେଟ୍ ଲିଗ୍ ବିଶ୍ୱାଳୀଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ଅଠଟି ପଞ୍ଚାୟତ ଭାଗ ନେଇଥିଲେ। ଆଜି ଫାଇନାଲ ମ୍ୟାଚରେ ପ୍ରଥମେ ବିଶ୍ୱାଳୀ ପଞ୍ଚାୟତ ଟସ୍ ଜିଣି ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ବିଶ୍ୱାଳୀ ପଞ୍ଚାୟତ ୬ ଓଭରରେ ୫ ୱିକେଟ୍ ହରାଇ ୮୫ ରନ୍ ସଂଗ୍ରହ କରିଥିଲେ। ଅପରପକ୍ଷରେ ଯଦୁପୁର ପଞ୍ଚାୟତ ୮ ୱିକେଟ ହରାଇ ୪୯ ରନ୍ କରି ପରାସ୍ତ ହୋଇଥିଲା। ତେବେ ବିଶ୍ୱାଳୀ ପଞ୍ଚାୟତକୁ ଚାମ୍ପିଅନ ଘୋଷଣା କରାଯାଇଥିଲା। ବିଶ୍ୱାଳୀ ଦଳର ରାଜେନ୍ଦ୍ର ବେହେରା ମ୍ୟାନ ଅଫ୍ ଦି ସିରିଜି ହୋଇଥିବା ବଳେ ସତ୍ୟଶିବ ପରିଡ଼ାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ କରାଯାଇଛି। ଏହି ମ୍ୟାଚ୍‌ର ଆମ୍ପାୟାର ଥିଲେ ସତ୍ୟପ୍ରକାଶ ମହାନ୍ତି ଓ ପ୍ରଶାନ୍ତ କୁମାର ପ୍ରଧାନ। କାର୍ଯ୍ୟକ୍ରମରେ ଅତିଥି ଭାବେ ବାବାଜୀ ଚରଣ ପୃଷ୍ଟି, ଦିନବନ୍ଧୁ ସେନାପତି, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ସରୋଜ କୁମାର ବେହାର, ବିଶ୍ୱାଳୀ ପଞ୍ଚାୟତର ସରପଞ୍ଚ ମନୋରମା ମଲ୍ଲ ଓ ସମିତି ସଭ୍ୟା ସତ୍ୟଭାମା ସାମଲ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ୍‌କୁ ପୁରସ୍କୃତ କରିଥିଲେ। ମନୋରଞ୍ଜନ ମାଝୀ, ଦେବରାଜ ସାମଲ, ରଞ୍ଜିତ ସାମଲ, ସଞ୍ଜିବ କୁମାର ସାହୁ ଓ ବିଶ୍ୱାଳୀ ଗ୍ରାମର ଯୁବବନ୍ଧୁ ମାନଙ୍କ ଦ୍ୱାରା ସୁନ୍ଦର ଭାବେ ଖେଳ ପରିଚାଳନା କରାଯାଇଥିଲା। ପ୍ରତ୍ୟକ ମୁହୂର୍ତ୍ତରେ ଖେଳର ବିବରଣୀ ପ୍ରଦାନ କରୁଥିଲେ ବିପିନ ପରିଡ଼ା ଓ ନିତ୍ୟାନନ୍ଦ ପରିଡ଼ା।

## ପଙ୍କପାଳ ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଛାତ୍ରଙ୍କ ଗୁରୁପୂଜନ ଓ ସମାବେଶ

**କୁଜଙ୍ଗ, ୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ବ୍ୟାଚର ବନ୍ଧୁ ମିଳନ 'ଆସ ଫେରିଯିବା ୧୯୯୪' କାର୍ଯ୍ୟକ୍ରମ ମହାସମାରୋହରେ ପଙ୍କପାଳର ଚୌଧୁରୀ ଡେଷ୍ଟିନେସନ ପଏଣ୍ଟରେ ପାଳିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ଡ. ଅରୁଣ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତତ୍‌କାଳୀନ ଶିକ୍ଷକ କୁଳମଣି ସାହୁ, ମୁରାରୀ ମୋହନ ମିଶ୍ର, ବାନାମ୍ବର ଶତପଥୀ, ଗୋବିନ୍ଦ ଚନ୍ଦ୍ର ସାହୁ, ଚୌ. ପଦ୍ମନାଭ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଶିକ୍ଷା, ଶିକ୍ଷକ, ଭାରତୀୟ ସଂସ୍କୃତିରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଛାତ୍ର ଶତ୍ରୁଘନ ମଲ୍ଲ, ଜ୍ୟୋତିପ୍ରକାଶ କଣ୍ଠ, ନାରାୟଣ ବେହେରା, ଗଗନ ବିହାରୀ ଦାଶ, ପ୍ରଦୀପ ସାହୁ, ନାରାୟଣ ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, ଜ୍ୟୋତିପ୍ରକାଶ ଖଟୁଆ, ସୁଧୀର ମିଶ୍ର, କେଦାର ବେହେରା, ଉମେଶ ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବିଶିଷ୍ଟ ଶିଶୁକଣ୍ଠଶିଳ୍ପୀ ସାଇରତ୍ନପର୍ଣ୍ଣା ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁମାନଙ୍କୁ ସମ୍ବର୍ଦ୍ଧନା ସହ କୃତଜ୍ଞତା ଅର୍ପଣ କରାଯାଇଥିଲା।



## ଇଫ୍‌କୋ ଜ୍ୟୋତି ଲେଡିଜ୍ କ୍ଲବ୍‌ର ବାର୍ଷିକ ଫେଟେ-୨୦୨୫
# ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଲା

**ପାରାଦୀପ, ୧୨।୧ (ସମିସ) :** ଇଫ୍‌କୋ ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ବାର୍ଷିକ ଫେଟେ-୨୦୨୫ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଫ୍‌କୋର ବୈଷୟିକ ନିର୍ଦ୍ଦେଶକ କେଜେ ପଟେଲ ଓ ମମତା ପଟେଲ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ପରିଚାଳକ ପିକେ ମହାପାତ୍ର, ସୁପ୍ରିୟା ମହାପାତ୍ର, ପିପିଏଲ୍‌ର ମୁଖ୍ୟ ପଲାନୀ ସ୍ୱାମୀ, ପିପିଏଲ୍‌ର ପ୍ରବନ୍ଧକ ଦେବେନ୍ଦ୍ରକୁମା ଭାସ୍କର ଯୋଗ ଦେଇଥିଲେ। ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ସନ୍ଦିପା ରଥ, ସମ୍ପାଦିକା ଚନ୍ଦନା ପ୍ରିୟଦର୍ଶିନୀ, ଯୁଗ୍ମ ସମ୍ପାଦିକା ଲିପିକା ଦଳାଇ ଓ କୋଷାଧ୍ୟକ୍ଷା ସାଲିନି ପାଣ୍ଡେଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା। ଫେଟେରେ ସୁସ୍ୱାଦୁ ଖାଦ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଗୃହ ଉପକରଣ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୋକଙ୍କ ପାଖରେ ଉପଲବ୍ଧ ହୋଇଥିଲା। ଯାହାକୁ ଇଫ୍‌କୋ ଅନ୍ତେବାସୀ ଆଗ୍ରହର ସହିତ କିଣୁଥିବା ଦେଖିବାକୁ ମିଳିଥିଲା। ଇଫ୍‌କୋର ଜ୍ୟୋତି ଲେଡିଜ୍ କ୍ଲବ୍ ମହିଳାମାନଙ୍କ ସାମଗ୍ରୀକ ବିକାଶରେ ଦୀର୍ଘ ଦିନ ଧରି କାମ କରିବା ସହିତ ମହିଳାମାନଙ୍କ ପାଇଁ ଏହା ଉଦାହରଣ ସୃଷ୍ଟି କରିଛି। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଜ୍ୟୋତି ଲେଡିଜ୍ କ୍ଲବ୍ ବିଶେଷ ଭାବେ ସଫଳତା ହାସଲ କରି ପାରିଛି। ଜ୍ୟୋତି ଲେଡିଜ୍ କ୍ଲବ୍‌ର ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରୀତ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ।



## ଢେଙ୍କାନାଳ ଜିଲ୍ଲାରେ ଏଫଏକ୍ୟୁ ମାନ ଧାନ ନାହିଁ

# ମଣ୍ଡି ଉଦ୍‌ଘାଟନର ୪ ଦିନ ପରେ ବି ଧାନକିଣା ହୋଇନି

ଢେଙ୍କାନାଳ,୧୨ ।୧(ସମିସ): ଢେଙ୍କାନାଳ ଜିଲ୍ଲାରେ ଏଫଏକ୍ୟୁ ମାନର ଧାନ ନାହିଁ। ଉଦଘାଟନର ୪ ଦିନ ପରେ ବି ସରକାର ଚାଷୀଙ୍କଠାରୁ ମୁଠାଏ ବି ଧାନ କିଣିବାକୁ ସକ୍ଷମ ହୋଇନାହାନ୍ତି। କଟନୀ ଛଟନୀ ନାହିଁ ବୋଲି ଗୋଟିଏ ପଟେ କହୁଥିବା ବେଳେ ଏଫଏକ୍ୟୁ ମାନର ଧାନ ଆଣ ବୋଲି ଚାଷୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଜିଲ୍ଲାରେ ଚଳିତବର୍ଷ ଏଫଏକ୍ୟୁ ମାନର ଧାନ ନ ଥିବାରୁ ମିଲରମାନେ ଧାନ କ୍ରୟକରୁନାହାନ୍ତି। ଫଳରେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି।

କାମାକ୍ଷାନଗର ବ୍ଲକ ରାୟନରସିଂହପୁର

### ମିଲର୍ କିଣିବାକୁ କୁନ୍ଥକୁନ୍ଥ

ଠାରେ ଗତ ୮ ତାରିଖ ଜିଲ୍ଲାର ଧାନମଣ୍ଡି ଉଦଘାଟିତ ହୋଇଛି। ମଣ୍ଡି ଉଦଘାଟନୀ ଉତ୍ସବରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଚାଷୀମାନେ ଧାନରୁ କାଠିକୁଟା ସଫାକରି ମଣ୍ଡିକୁ ଏଫଏକ୍ୟୁ ମାନର ଧାନ ଆଣିବାକୁ ପରାମର୍ଶ ଦେଇଥିଲେ। ଭଲ ଧାନ ନ ଆଣିଲେ ମଣ୍ଡିରେ କଟନୀଛଟନୀ ହେବ ବୋଲି ପରୋକ୍ଷରେ ମନ୍ତ୍ରୀ କହିଥିଲେ। ପ୍ରଥମ ଦିନରେ ୨ଜଣ ଚାଷୀ ୫୨ କ୍ୱିଣ୍ଟାଲ ଧାନ ଆଣିଥିବାବେଳ ପ୍ୟାଡି ଆନାଲାଇଜରରେ ଧାନର ମାନ ଠିକ୍ ନ ଥିବା ଜଣାପଡ଼ିବାରୁ ତାଙ୍କୁ ମଣ୍ଡିରୁ ଫେରାଇ ଦିଆଯାଇଥିଲା। ତେଣୁ ସରକାର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଦେବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏବେ ପାଣିରଗାର ହେବାକୁ ଯାଉଛି।

ଚଳିତବର୍ଷ ଅଦିନିଆ ବର୍ଷା ଯୋଗୁଁ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କୌଣସି ଚାଷୀଙ୍କ ପାଖରେ ଭଲ ଧାନ ନାହିଁ। ଉଚ୍ଚ ମାନର ଧାନ ନ ଆଣିଲେ ମିଲରମାନେ ମଧ୍ୟ ନେବାକୁ ଅମଙ୍ଗ ହେଉଛନ୍ତି। ମିଲରଙ୍କ ଅଭିଯୋଗ ଅନୁସାରେ ସରକାର ଭଲ ଚାଉଳ ନେବାକୁ କହୁଥିବା ବେଳେ ସେହି ଅନୁସାରେ ଧାନ ନ ଦେଲେ କିଭଳି ଭଲ ଚାଉଳ ହେବ ବୋଲି ପ୍ରଶ୍ନ କରିଛନ୍ତି। ଚାଷୀ ଭଲ ଧାନ ଆଣୁ ନ ଥିବାରୁ ପ୍ୟାଡି ଆନାଲାଇଜର ତାହାକୁ ସଠିକ ବୋଲି ଦେଖାଉନାହିଁ। ଫଳରେ ଦୀର୍ଘ ୪ ଦିନ ପରେ ମଧ୍ୟ କୌଣସି ମଣ୍ଡିରେ ଧାନ କିଣା ସମ୍ଭବ ହୋଇନାହିଁ। ଜିଲ୍ଲାରେ ୧୧୬ଟି ମଣ୍ଡି ବ୍ୟବସ୍ଥା କରାଯାଇଥିବା ବେଳେ ୮୮ ମଣ୍ଡିରେ ପ୍ରାୟ ୫୪ ହଜାର ୬୫୮ ଚାଷୀ ଧାନ ବିକ୍ରି କରିବେ ବୋଲି ଜଣାପଡ଼ିଛି। ଜିଲ୍ଲାରେ ପ୍ରାୟ ୧୩ ଲକ୍ଷ ୯୫ ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରହିଛି। ୧୭ ମିଲର ଏହି ଧାନ କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କିନ୍ତୁ ସରକାରଙ୍କ ନିର୍ଦ୍ଧାରିତ ମାନ ଅନୁସାରେ ଧାନ ନାହିଁ। ଚାଷୀମାନେ ୩୧ ଶହ ଟଙ୍କା ଆଶାରେ ଧାରକରଜ କରି ଧାନଚାଷ କରିଥିଲେ ମଧ୍ୟ ଏବେ ତାହା ଧୂଳିସାତ୍ ହୋଇଛି।



ଅନ୍ୟପକ୍ଷରେ ଚାଷୀମାନେ ବାଧହୋଇ ଦଲାଲଙ୍କୁ ଧାନ ବିକ୍ରି କରୁଛନ୍ତି। ଜାନୁଆରୀ ୧୨ ତାରିଖ ସୁଦ୍ଧା ବି ମଣ୍ଡିରେ ଧାନକିଣା ହୋଇପାରୁ ନ ଥିବାରୁ ଦଲାଲମାନେ ଏବେ ଗାଁ ଗାଁରେ ସକ୍ରିୟ ରହି ଚାଷୀଙ୍କଠାରୁ ୧୮ଶହ ଟଙ୍କା ପ୍ରତି କ୍ୱିଣ୍ଟାଲ ଧାନ କ୍ରୟ କରୁଥିବା ଦେଖିବାକୁ ମିଳିଛି। ଛତିଶଗଡ଼ ରାୟପୁର, ସମ୍ବଲପୁର ସହ ବିଭିନ୍ନ ରାଇସ ମିଲ୍‌ର ଦଲାଲ ଏବେ ଗାଁ ଗାଁରେ ଡେରା ପକାଇଛନ୍ତି। ଖୁଲମଖୁଲା ଜାତୀୟ ରାଜପଥ ଏବଂ ସର୍ବସାଧାରଣରେ ୧୮୦୦/୧୯୦୦ ଟଙ୍କାରେ ଧାନ କିଣି ନେଉଥିବାବେଳେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଛି। ପ୍ରତିଦିନ ବଡ଼ ବଡ଼ ଟ୍ରକରେ ଅନ୍ୟ ରାଜ୍ୟକୁ ଧାନ ଚାଲାଣ ହେଉଥିବା ବେଳେ ପୁଲିସ, ପ୍ରଶାସନ, ଯୋଗାଣ ବିଭାଗର କିପରି ଦୃଷ୍ଟି ପଡୁନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଦ୍ୱାରା ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମୋବାଇଲ ନଂ ୯୪୩୮୨୦୦୦୩୯କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ସୁଇଚଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ପିକଅପ ଭ୍ୟାନ-ବାଇକ ଧକ୍କା; ୨ ମୃତ

କାମାକ୍ଷାନଗର,୧୨ ।୧(ସମିସ): କାମାକ୍ଷାନଗର-କଙ୍କଡ଼ାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର କଙ୍କଡ଼ାହାଡ଼ ଥାନା ତିଲେଇବେରେଣୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ କଣ୍ଟାପଲର ମଣ୍ଟୁ ନାଏକ ଓ ଡାଙ୍ଗପାଳର ଗୋପନ ନାଏକ। ଏମାନେ ସମ୍ପର୍କରେ ଶଳା-ଭିଣୋଇ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ମଣ୍ଟୁ ଓ ଗୋପନ ବାଇକ୍ ଯୋଗେ ଟାଟା ମାଇନ୍ସରୁ ଫେରୁଥିଲେ। ତିଲେଇବେରେଣୀ ନିକଟ ବୁଲାଣିରେ ବାଇକ ଚାଳକ ଭାରସାମ୍ୟ ହରାଇବାରୁ ସାମ୍ନାରୁ ଆସୁଥିବା ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ବାଇକ ସହ ଧକ୍କା ହୋଇ ପିକଅପ ଭ୍ୟାନ ମଧ୍ୟ ରାସ୍ତା ପାଶ୍ୱର୍ରେ ଓଲଟି ପଡ଼ିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନ ଓ ବାଇକ ଜବତ କରିଛି। ଏ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ

ଢେଙ୍କାନାଳ,୧୨ ।୧(ସମିସ): ସହର ଉପକଣ୍ଠ ଯତନନଗରସ୍ଥିତ ଫାର୍ମ ହାଉସ୍‌ରେ ନବବର୍ଷ ଉପଲକ୍ଷେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ତଥା ଢେଙ୍କାନାଳ ପୌରାଧ୍ୟକ୍ଷାଙ୍କ ସ୍ୱାମୀ ରାମଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସଦର ମହକୁମାର ୪୬ ଜଣ ଗଣମାଧ୍ୟମ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଇମ୍‌ତିଆଜ୍ ହୁସେନ୍ ଫୁଲତୋଡ଼ା ଦେଇ ପାତ୍ରଙ୍କୁ ସମ୍ବର୍ଦ୍ଧିତ



କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ଓ ପ୍ରସନ୍ନ କୁମାର ପଟ୍ଟନାୟକ ସହଯୋଗ କରିଥିଲେ। ଏହି ଅବସରରେ ପାତ୍ର ସହରରେ ସାମ୍ବାଦିକ ଭବନ ନିର୍ମାଣ, ରଥଗଡ଼ା ଓ ଲକ୍ଷ୍ମୀବଜାର ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ, ମହିଷାପାଟରେ ସ୍ମାର୍ଟ ପାର୍କ ନିର୍ମାଣ, ମହାତ୍ମାଗାନ୍ଧୀ ମାର୍ଗରେ ଭାରତମାତାଙ୍କ ସହ ଭାରତରତ୍ନ ଉପାଧିପ୍ରାପ୍ତ ବିଶିଷ୍ଟ ନେତୃବୃନ୍ଦଙ୍କ ମର୍ବଲ ପ୍ରତିକୃତି ସ୍ଥାପନ ଆଦି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ପାତ୍ରଙ୍କୁ ଧନ୍ୟବାଦ ଦେବାକୁ ଯାଇ ଯାଉଁଳି ପୋଖରୀ ମଠ ପାର୍କ, ବାଜିରୌକ ଓ ରଥଗଡ଼ାସ୍ଥିତ ଅଚଳ ଜଳଫୁଆର, ସୁଆଗୀ ଶ୍ମଶାନର ଉନ୍ନତିକରଣ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଦୁଇ ଘରୁ ଚୋରି ଅଭିଯୋଗ

ବଇଣ୍ଡା,୧୨ ।୧(ସମିସ): ହଣ୍ଡପା ଥାନା କମରେଇ ଓ ଟକବା ଗ୍ରାମର ଦୁଇଜଣଙ୍କ ଘରୁ ରବିବାର ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କମରେଇ ଗ୍ରାମର ଠେଙ୍ଗୁ ସେଠୀଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନାରୁପା ଗହଣା ସହ ୧୦ ହଜାର ଟଙ୍କା ଚୋରି କରି ନେଇଥିବାସେ ଥାନାରେ ଅଭିଯୋଗ କରିଛନ୍ତି। ଠେଙ୍ଗୁ ଘରେ ନ ଥିବା ବେଳେ କେହି ଘରେ ପଶି ଚୋରି କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଟକବା ଅଞ୍ଚଳରେ ରହୁଥିବା ଠେଙ୍ଗୁଙ୍କ ପୁଅ ବିଦେଶୀ ସେଠୀଙ୍କ ଘରୁ ତାଲା ଭାଙ୍ଗି ସୁନାଗହଣା ସହ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ଦିନରେ ବାପାପୁଅଙ୍କ ଘରୁ ଚୋରି ହୋଇଥିବା ବେଳେ ଏହା ଯୋଜନାବଦ୍ଧ ଭାବେ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

### ■ ସର୍ବଭାରତୀୟ ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ତାଳଚେର ଚାମ୍ପିଅନ, ବେଙ୍ଗାଲୁରୁ ରନର୍ସଅପ

କଣିହାଁ,୧୨ ।୧(ସମିସ): କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ତାଳଚେର ଯୁଥ କ୍ଲବ ଚାମ୍ପିଅନ ଓ ବେଙ୍ଗାଲୁରୁ ଦଳ ରନର୍ସଅପ ହୋଇଛି। ଟସ ଜିଣି ବେଙ୍ଗାଲୁରୁ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୮୩ ରନ କରିଥିଲା। ତାଳଚେର ଦଳ ୨୫ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ତାଳଚେରର ବଳରାମ ବେହେରା, ମ୍ୟାନ ଅଫ ଦି ସିରିଜ ଭାବେ ସହଦେବ ଦେହୁରୀ, ବେଷ୍ଟ ବ୍ୟାଟର ଭାବେ ବେଙ୍ଗାଲୁରୁର ବରୁଣ କୁମାରଙ୍କୁ ପୁରସ୍କୃତ କରାଯାଇଛି। ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ସବ୍ୟସାଚୀ ସାହା ଓ ପ୍ରଣବ କିଶୋର ଗଡ଼ନାୟକ ଖେଳ ପରିଚାଳନା କରିଥିବା ବେଳେ ସୁବାସ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଜେପି ନେତା ପ୍ରହ୍ଲାଦ ସାମଲ, ଗ୍ରାମ ସଭାପତି ରଘୁନାଥ ପ୍ରଧାନ ଯୋଗଦେଇଥିଲେ। କ୍ଲବ ସଭାପତି ଅଜୟ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସମ୍ପାଦକ ହିମାଂଶୁ ବେହେରା, ସହସମ୍ପାଦକ ଜ୍ଞାନରଞ୍ଜନ ଜ୍ୟୋତିଷଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଷ୍ଟାଡିୟମରେ ନବନିର୍ମିତ କ୍ଲବ ଘର ଓ ପରାବିଲ ଗ୍ରାମରେ ନିର୍ମିତ ବନସୁରକ୍ଷା ସମିତି ଗୃହ ଉଦଘାଟନ କରାଯାଇଥିଲା।




## ମହିଳାଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

ବଇଣ୍ଡା,୧୨ ।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପୁଲିସ ରବିବାର ଅପରାହ୍ନରେ ଅଶ୍ରୁବାହାଳ ଗ୍ରାମର ନବକିଶୋର ପ୍ରଧାନଙ୍କ ପତ୍ନୀ ରୋଜାଲିନ କିସାନ (୨୧)ଙ୍କ ମୃତଦେହ ଜବତ କରିଛି। ନିଜ ଶୋଇବା ଘର ଖଟରୁ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କରିଥିବା ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ରୋଜାଲିନଙ୍କ ସମ୍ପର୍କୀୟ ଦେବଗଡ଼ ଜିଲ୍ଲା ବୁଢ଼ାପାଳ ଗ୍ରାମର ମହେଶ୍ୱର କିସାନଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବର୍ଷକ ତଳେ ରୋଜାଲିନଙ୍କୁ ନବକିଶୋର ବୈଦିକ ରୀତିରେ ବିବାହ କରିଥିଲେ। କିଛି ମାସ ପରେ ରୋଜାଲିନଙ୍କୁ ଶଶୁର ଘର ଲୋକେ ନିର୍ଯାତନା ଦେଉଥିଲେ। ତେଣୁ ଶଶୁର ଘର ଲୋକେ ତାଙ୍କୁ ହତ୍ୟା କରି ଖଟରେ ପକାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଆଇଆଇସି ନମିତା ନାୟକ, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ସ୍କୁଲ ପିଅନଙ୍କ ମୃତ୍ୟୁ

ପରଜଙ୍ଗ,୧୨ ।୧(ସମିସ): ମହାବିରୋଡ ଥାନା କୁଟୁରିଆ ଗ୍ରାମ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଟୁରିଆ ଗ୍ରାମର ଅଲେଖ ସାହୁଙ୍କ ପୁଅ ବିନୟ ସାହୁ (୪୪)। ସେ କପିଳେଶ୍ୱର ହାଇସ୍କୁଲ ପିଅନ ଭାବେ କାର୍ଯ୍ୟ କରୁଥିଲେ। କୁଟୁରିଆ ଗାଁ ମୁଣ୍ଡରେ ପ୍ରତ୍ୟେକ ରବିବାର ଠାକୁରାଣୀ ବିଲେଇଶୁଣୀଙ୍କ ପୂଜା ହୋଇଥାଏ। ବିନୟ ବାଇକ ଧରି ଠାକୁରାଣୀଙ୍କ ପୀଠକୁ ଯାଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଆନ୍ଦୋଳନକାରୀଙ୍କୁ ଘେରାବନ୍ଦୀ

# ପୁଲିସ ଛାଉଣୀରେ ଖଣି କାର୍ଯ୍ୟ ସ୍ୱାଭାବିକ କଲା ପ୍ରଶାସନ

କଣିହାଁ,୧୨ ।୧(ସମିସ): କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ କରିଥିବା ଖଣିବନ୍ଦ ଆନ୍ଦୋଳନର ୭ମ ଦିନରେ ରବିବାର ବ୍ୟାପକ ପୁଲିସ ଛାଉଣି କରି ଖଣିକାର୍ଯ୍ୟ ସ୍ୱାଭାବିକ କରିଛି ପ୍ରଶାସନ। ସକାଳେ ପୁଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକରୀଙ୍କୁ ଘେରାବନ୍ଦୀ କରିଥିଲେ। ଆନ୍ଦୋଳନସ୍ଥଳରେ ଅନୁଗୋଳ ଏସପି ରାହୁଲ ଜୈନ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଡିସିନାଲ ଏସପି ସତ୍ୟଜିତ ମିଶ୍ର, ଏସ ରାୟଗୁରୁ, ମାଜଷ୍ଟ୍ରେଟ ଭାବେ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ତାଳଚେର ତହସିଲଦାର ରୋଜାଲିନ ବେହେରା, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅନୁଗୋଳ ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ ନାଏକ, ପାଲଲହଡ଼ା




ଆସିଷ୍ଟାଣ୍ଟ କଲେକ୍ଟର ଗିରୀଶ ସିଂହ, ୬ ଡିଏସପି, ୧୨ ଇନ୍ସପେକ୍ଟର, ୨୦ ଏସଆଇ ଓ ଏଏସଆଇ, ୧୭ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ଫଳରେ କୋଇଲା ପରିବହନ ଓ ଉତ୍ପାଦନ ସ୍ୱାଭାବିକ ହୋଇଛି। ଅନ୍ୟପଟେ ପ୍ରଶାସନର ଏହି ପଦକ୍ଷେପ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କଣିହାଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଥାଇଥାନ ଦାବିରେ ଦୀର୍ଘବର୍ଷ ହେବ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। ଏମସିଏଲ ଓ ପ୍ରଶାସନ ପକ୍ଷରୁ ସବୁବେଳେ ମିଥ୍ୟା ପ୍ରତିଶ୍ରୁତି ମିଳୁଥିବାରୁ ଗତ ସୋମବାର ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇ ପ୍ରସ୍ତାବିତ ପଥରମୁଣ୍ଡା ଜାଗା ମିଳିବା ଦାବିରେ କୋଇଲା ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିରହିଥିଲେ। ଉକ୍ତଦିନ ଅପରାହ୍ନରେ ତାଳଚେରରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ଆନ୍ଦୋଳନକାରୀଙ୍କୁ ଆରପିଡିଏସି ବୈଠକ ବସି ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଉକ୍ତ ନିଷ୍ପତ୍ତିକୁ ଗ୍ରାମବାସୀ ଗ୍ରହଣ ନ କରି ଆନ୍ଦୋଳନ ଚାଲୁ ରଖିଥିଲେ। ଥଇଥାନ ହେବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ଚେତାବନୀ ଦେଇଥିଲେ ଗ୍ରାମର ମହିଳା।

### ■ କ୍ରିକେଟ ଖେଳରୁ ମହାଭାରତ

## ଗୋଷ୍ଠୀ ସଂଘର୍ଷରେ ଜଣେ ଗୁରୁତର

ଢେଙ୍କାନାଳ,୧୨ ।୧(ସମିସ): ହିନ୍ଦୋଳ ବ୍ଲକ ବେଢ଼ାପଡ଼ା ଗ୍ରାମରେ ରବିବାର କ୍ରିକେଟ ମ୍ୟାଚ ଚାଲିଥିବା ବେଳେ ଗୋଟିଏ ଟ୍ରକ ପାର୍କିଂକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଢ଼ାପଡ଼ା ଗ୍ରାମର ରାକେଶ ପରିଡ଼ା (୩୦)। ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡ ଓ ବାମ ଜଙ୍ଘରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ଲାଗି ରହିଛି। ରାକେଶଙ୍କ ଗୋଷ୍ଠୀର ଲୋକେ ଅପର ଗୋଷ୍ଠୀ ଲୋକଙ୍କ ଘର ଭାଙ୍ଗିବା ଆରମ୍ଭ କରିଛନ୍ତି। ଗ୍ରାମରେ ଶାନ୍ତି ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।

### ■ କପିଳାସ ହାଫ୍ ମାରାଥନ୍

## କ୍ଷୀରୋଦ ପାଇଲେ ତାମ୍ର ଫଳକ

ତାଳଚେର,୧୨ ।୧(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ କପିଳାସରେ ହୋଇଥିବା ହାଫ୍ ମାରାଥନ (୨୧ କିମି)ରେ ତାଳଚେରର ସମାଜସେବୀ କ୍ଷୀରୋଦ ସାହୁ ଅଂଶଗ୍ରହଣ କରି ୧୦ କିମି ଯାଇ ସଫଳ ହୋଇଥିବାରୁ ମୁଖ୍ୟଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ତାମ୍ର ଫଳକ ଗ୍ରହଣ କରିଛନ୍ତି। କପିଳାସ ପାଦଦେଶରୁ ଏହି ମାରାଥନ୍ ଦୌଡ଼ ଆରମ୍ଭ ହୋଇ ଦେଓଗାଁ-ଟାଙ୍ଗୀ ମୁଖ୍ୟ ରାସ୍ତାର ସୋରିଷିଆପଦା ଗ୍ରାମକୁ ଯାଇ ଫେରିଥିଲେ। ମାରାଥନରେ ଦେଶର ବିଭିନ୍ନ ରାଜ୍ୟରୁ ୪ ହଜାର ୬ ଶହ ପ୍ରତିଯୋଗୀ ଭାଗ ନେଇଥିଲେ।

## ୩ ଦିନରେ ପାହାଡ଼ କାଟି ୫ ଶହ ଟ୍ରିପ ମୋରମ ଚାଲାଣ

ବଇଣ୍ଡା,୧୨ ।୧(ସମିସ): ଅନୁଗୋଳ ଜିଲ୍ଲାରେ ଶିଳ୍ପ କାରଖାନ ପାଇଁ ଅନେକ ପାହାଡ଼ ଧ୍ୱଂସ ପାଇଥିବା ବେଳେ ଅନେକ ବୃକ୍ଷ କଟାଯାଇଛି। ତେବେ ବଳକା ରହିଯାଇଥିବା ପାହାଡ଼ଗୁଡ଼ିକ ଉପରେ ଏବେ ମାଫିଆଙ୍କ ନଜର ପଡ଼ିଛି। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଧୀନ କଦଳୀମୁଣ୍ଡା, ଜାମୁନାଳୀ ଆଦି ଅଞ୍ଚଳରେ ଥିବା ପାହାଡ଼ଗୁଡ଼ିକୁ ରାତିରେ କଟାଯାଇ ମୋରମ ଚାଲାଣ କରାଯାଉଛି। ବିଶେଷକରି ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ହେଉଥିବା ଏକ ପ୍ରକଳ୍ପ ପାଇଁ ଗତ ୩ ଦିନରେ ଦିନରାତି ଦୁଇଟି ପାହାଡ଼ କାଟି ୫ ଶହ ଟ୍ରିପ ମୋରମ ଚାଲାଣ ହୋଇଥିବା ଜଣାପଡ଼ିଛି। ଏ ନେଇ ଅଞ୍ଚଳବାସୀ ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶନିବାର ଅଞ୍ଚଳବାସୀ ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହାର ନକଲ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଅଞ୍ଚଳବାସୀ ଅଭିଯୋଗ ଅନୁଯାୟୀ, କିଶୋରନଗର ଓ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଏବେ ବହୁ ରାସ୍ତା ନିର୍ମାଣ ହେଉଛି। ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁଁ ମୋରମ ଆବଶ୍ୟକ ପଡୁଥିବା ବେଳେ ବିନା ଅନୁମତିରେ ପାହାଡ଼ କାଟି ବଳି ପକାଯାଉଛି। ବିଭିନ ଠିକାସଂସ୍ଥାର କର୍ମଚାରୀମାନେ ବିଳମ୍ବିତ ରାତିରେ ରାଜସ୍ୱ ବିଭାଗର କିଛି କର୍ମଚାରୀଙ୍କୁ ହାତକରି ବେଆଇନ ଭାବେ ଜେସିବି ମେସିନ ସହାୟ୍ୟରେ ପାହାଡ଼ଗୁଡ଼ିକକୁ କାଟି ଟ୍ରକ୍, ଟିପ୍ପରରେ ମୋରମ ଚାଲାଣ କରୁଛନ୍ତି। ବହୁ ପାହାଡ଼ କଟାଯାଉଥିବା ବେଳେ ସେଥିରେ ଥିବା ଶାଗୁଆନ, ଶିଶୁ, ଶାଳ ପିଆଶାଳ ଆଦି ବହୁ ମୂଲ୍ୟବାନ ଗଛ କଟାଯାଇ ବାହାରକୁ ଚାଲାଣ କରାଯାଉଛି। କଦଳୀମୁଣ୍ଡା ଓ ଜାମୁନାଳିଠାରେ ଥିବା ପାହାଡ଼ଗୁଡ଼ିକରୁ ଏବେ ମୋରାମ କଟାଯାଉଛି। ଗତ ୩ ଦିନ ହେଲା ପ୍ରତ୍ୟେକ ରାତିରେ ୩ଟି ଜେସିବି ମେସିନ ସାହାଯ୍ୟରେ ପାହାଡ଼ କାଟି ୫ ଶହରୁ ଉର୍ଦ୍ଧ୍ୱ ଟ୍ରିପ ମୋରମ ଚାଲାଣ କରାଗଲାଣି। ରାତିରେ ବ୍ଲାଷ୍ଟିଂ କରାଯାଉଛି। ଫଳରେ ନିକଟବର୍ତ୍ତୀ ଗାଁଗୁଡ଼ିକ ଥରି ଉଠୁଛି। ଅଞ୍ଚଳବାସୀ ଭୟଭୀତ ହୋଇ ପଡୁଛନ୍ତି। ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ରାଜସ୍ୱ ବିଭାଗର ଜଣେ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତୁରନ୍ତ ଏଥିପ୍ରତି ଖୋଦ ରାଜସ୍ୱ ମନ୍ତ୍ରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ମୋରମ ନେଇଥିବା ଠିକାସଂସ୍ଥାଠାରୁ ଫାଇନ ଆଦାୟ କରାଯିବ ବୋଲି କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କୁହିଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ଅନୁଗୋଳ,୧୨ ।୧(ସମିସ): ଆଜି ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜନ୍ମତିଥି ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ନାଗ୍ରୀ ମୋହନ ପଣ୍ଡା ଯୋଗଦେଇ ବିବେକାନନ୍ଦଙ୍କ ଆମରବାଣୀ ଉଦ୍ଧୃତ କରି ତାଙ୍କ ଜୀବନାଦର୍ଶ ଯୁବପିଢ଼ିଙ୍କୁ ଯୁଗେ ଯୁଗେ ଅନୁପ୍ରାଣିତ କରିବ ବୋଲି କହିଥିଲେ। ବିବେକାନନ୍ଦଙ୍କ ଦେଶଭକ୍ତି, ସନାତନ ଧର୍ମ ପ୍ରତି ତାଙ୍କ ଉଚ୍ଚ ବିଚାରବୋଧ ଯୋଗୁଁ ସେ ଆଜି ଜନମାନସରେ ବଞ୍ଚି ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଉତ୍କଳ କଳାସଂସ୍କୃତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ରବୀନ୍ଦ୍ରନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନନ୍ଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅଲେଖ ମହିମା ମହୋତ୍ସବ

# ମୁଗକଣିରେ ଯୋଗଦେଲେ ହଜାର ହଜାର ଶ୍ରଦ୍ଧାଳୁ



ରାଜନଗର, ୧୨।୧ (ସମିସ) ରାଜନଗର ବ୍ଲକ ହାତିନା ପଞ୍ଚାୟତର ମୁଗକଣି ଗାଁରେ ୬୩ତମ ମହିମା ମହୋତ୍ସବ ୩ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ୧୦ ତାରିଖ ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବତୀ ପ୍ରଜ୍ୱଳନ ଓ ନାମଭଜନ ଆରମ୍ଭ ହୋଇଥିଲା। ୧୧ ତାରିଖରେ ସଂଧ୍ୟାରେ ଝାଡ଼ ପ୍ରଜ୍ୱଳନ ସହିତ ନାମ ଭଜନ କରାଯାଇଥିଲା। ଆଜି ବ୍ରାହ୍ମମୁହୂର୍ତ୍ତରୁ ଅହୋରାତ୍ର ବ୍ୟାପି ଅଖଣ୍ଡ ବ୍ରହ୍ମଧୂନି ସ୍ଥାପନ ଓ ନାମଭଜନ ଜାରି ରହିଛି। ଆସନ୍ତାକାଲି ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ମହିମା ବାଲ୍ୟ ଲୀଳା ଅର୍ପଣ ପରେ ମହୋତ୍ସବ ସମାପନ ହେବ। ଏହି ମହୋତ୍ସବରେ ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ଅଭୟ ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ସଂଧ୍ୟାରେ ବ୍ରହ୍ମଜ୍ଞାନ, ଆତ୍ମିକ ତତ୍ୱ, ଭକ୍ତିଯୋଗ, ଗୁରୁ ମହିମା, ବ୍ରହ୍ମପୁରୁଷ ମହିମା ଅଲେଖଙ୍କ କାଳଜୟୀ କଥାବସ୍ତୁକୁ ପ୍ରବଚନ ମାଧ୍ୟମରେ ଶୁଣାଉଛନ୍ତି। ସାଧୁ ଅନ୍ତର୍ଯ୍ୟାମୀ ଦାସ, କଳ୍ପତରୁ ଦାସ, ଅଭୟ ଦାସଙ୍କ ସମେତ ମହିମା ଧର୍ମର ସାଧୁ ସନ୍ଥମାନେ ଯୋଗଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ବ୍ରହ୍ମନିଷ୍ଠ ସିଦ୍ଧ ସାଧୁ ବାମନ ବାବା ଆଜକୁ ଶହେ ବର୍ଷ ତଳୁ ଅବିଭକ୍ତ କଟକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରେ ମହିମା ଧର୍ମ ପ୍ରଚାର କରିବା ସହିତ ଗାଁ ଗାଁରେ ଅଲେଖ ଟୁଙ୍ଗୀ ପ୍ରତିଷ୍ଠା କରି ମହିମା ବ୍ରହ୍ମଧୂନୀକୁ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି। ମୁଗକଣି ଆଶ୍ରମରେ ୬୩ବର୍ଷ ହେବ ମହିମା ମହୋତ୍ସବ ଆୟୋଜିତ ହୋଇଆସୁଛି। ଗତକାଲି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମହୋତ୍ସବରେ ଯୋଗଦେଇ ସାଧୁସନ୍ଥଙ୍କ ଦର୍ଶନ ଲାଭ କରିଥିବା ବେଳେ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗ ଦେଉଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ମୁଖ୍ୟ ଶିକ୍ଷାବିତ୍ ଅନାଦି ଚରଣ ଜେନା, ଦେବେନ୍ଦ୍ର କୁମାର ଜେନା, ଚରଣ ଜେନା, ବାବାଜି ମୁଦୁଲିଙ୍କ ସମେତ ଗ୍ରାମାବାସୀମାନେ ପରିଚାଳନା କରୁଛନ୍ତି।

# କେନ୍ଦ୍ରାପଡ଼ା ଜିଲ୍ଲା ନାଟ୍ୟ, କଳା ଓ ସାହିତ୍ୟ ପରିଷଦ ଗଠିତ

କେନ୍ଦ୍ରାପଡା,୧୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନାଟ୍ୟ-କଳା-ସାହିତ୍ୟ ପରିଷଦର ଏକ ବୈଠକ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଛକସ୍ଥିତ ଏକ ନିର୍ଦ୍ଦିଷ୍ଟ ହୋଟେଲ ପରିସରରେ ସ୍ତମ୍ଭକାର ଡ଼ଃ ସର୍ବେଶ୍ୱର ସେଣଙ୍କ ପୌରୋହିତ୍ୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ମାଟି କଳା, ସାହିତ୍ୟ ଓ ସଙ୍ଗୀତର ମାଟି ହୋଇଥିବାରୁ ଏଠାରେ ଗୋଟିଏ ନାଟ୍ୟ, କଳା, ସାହିତ୍ୟ, ସଙ୍ଗୀତର ମିଳିତ ଅନୁଷ୍ଠାନ ନଥିବାରୁ ଏକ ନୂତନ ଅନୁଷ୍ଠାନ ଗଠନ କରିବାକୁ ସ୍ଥିର କରାଯାଇଛି। କେନ୍ଦ୍ରାପଡାରେ ବଣମଲ୍ଲୀ ପରି ହଜି ଯାଉଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣି କେନ୍ଦ୍ରାପଡ଼ା କଳାର ଉତ୍କର୍ଷକୁ ତୋଳି ଧରିବାର ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ ଏକ ନୂତନ କମିଟି ଗଠନ କରାଗଲା। ଏଥିରେ ସଭାପତି ଭାବରେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, କାର୍ଯ୍ୟକାରୀ ସଭାପତି ରତ୍ନାକର ସାହୁ, ଉପସଭାପତି ବିଦ୍ୟୁଭୂଷଣ ତ୍ରିପାଠୀ, ସଂଗ୍ରାମ କେଶରୀ ସାମଲ, ସାଧାରଣ ସମ୍ପାଦକ ବଳରାମ ସାହୁ, ସଂଗଠନ ସମ୍ପାଦକ ଗଗନ ବିହାରୀ ସିଂହ, ଯୁଗ୍ମ ସମ୍ପାଦକ କ୍ଷୀରୋଦ କୁମାର ନାଥ, କୋଷାଧ୍ୟକ୍ଷ ଭାବରେ ନିରାକାର ପ୍ରଧାନ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏଥିସହ ମୁଖ୍ୟ-ଉପଦେଷ୍ଟା ଭାବରେ ଡ. ସର୍ବେଶ୍ୱର ସେଣ, ଉପଦେଷ୍ଟା ଭାବେ ଶୁଭାଂଶୁ କୁମାର ଦାସ, ସୁବାଷ ଚନ୍ଦ୍ର ପାତ୍ର, ମେଜର ଭରତ ଚନ୍ଦ୍ର ଜେନା, ଅଭୟ ଶତପଥୀ, ପଞ୍ଚାନନ ମଲ୍ଲିକଙ୍କୁ ଚୟନ କରାଯାଇଥିବା ବେଳେ ସୁଶିଳ କୁମାର ସୂତାର, ପ୍ରମୋଦ ମହାନ୍ତି, ସୌଭାଗିନୀ ମହାପାତ୍ର, ପ୍ରତ୍ୟୁଷ କୁମାର ସାହୁ ସମେତ ଚାରିଜଣଙ୍କୁ କାର୍ଯ୍ୟକାରୀ ସଭ୍ୟ ଭାବରେ ବଛାଯାଇଛି। ଶେଷରେ କ୍ଷୀରୋଦ କୁମାର ନାଥ ଧନ୍ୟବାଦ ଜ୍ଞାପନ କରିଥିଲେ।



■ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଉଦ୍‌ଘାଟିତ

# ୱାରିୟର୍ସ ଯାଜପୁରକୁ ହରାଇ ୟୁନିକ୍ ଭଦ୍ରକ ବିଜୟୀ

ରାଜନଗର, ୧୨।୧ (ସମିସ): ରାଜନଗର ବ୍ଲକର ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୪୩ତମ ଚଂଚଳା ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଆରମ୍ଭରୁ ଚିତାକର୍ଷକ ମ୍ୟାଚ ଦେଖିବାକୁ ମିଳିଛି। ଉଦ୍‌ଘାଟନୀ ମ୍ୟାଚରେ ୟୁନିକ୍ କ୍ରିକେଟ୍ ଟିମ୍ ଭଦ୍ରକ ଯାଜପୁରର ୱାରିୟର୍ସ କ୍ରିକେଟ୍ ଟିମ୍‌କୁ ୮ ରନରେ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୟୁନିକ୍ କ୍ରିକେଟ ଟିମ୍ ଭଦ୍ରକ ନିର୍ଦ୍ଧାରିତ ୨୧ ଓଭରରେ ୯ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ଦଳର ଅବିନାଶ ଚମ୍ପତି ୩୨ ବଲରୁ ୨ଟି ଛକା ଓ ୫ଟି ଚଉକା ସାହାଯ୍ୟରେ ୩୪ ରନ୍, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୫ ବଲରୁ ୨ଟି ଛକା ଓ ୪ଟି ଚଉକା ସହାୟତାରେ ୪୮ ରନ୍ କରିଥିଲେ। ୱାରିୟର୍ସ କ୍ରିକେଟ ଟିମ୍‌ର ଅଜିତ ସୋଲାଙ୍କି ୫ ଓଭରରେ ୨୩ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ୨୦୫ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଯାଜପୁର ୨୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ସବିର ଜେନା ୪୧ ବଲରୁ ୩ଟି ଛକା ଓ ୪ଟି ଚଉକା ସହାୟତାରେ ୫୧ ରନ୍ ଓ ସ୍ୱରାଜ ଚୌଧୁରୀ ୪୪ ବଲରୁ ୯ଟି ଛକା ଓ ୪ଟି ଚଉକା ସହାୟତାରେ ୯୩ ରନ କରିଥିଲେ ମଧ୍ୟ ଦଳକୁ ବିଜୟୀ କରିପାରିନଥିଲେ। ଭଦ୍ରକର ଆରଏନ୍ ତିୱାରୀ ୫ ଓଭରରେ ୨୬ ରନ ଦେଇ ୫ ଉଇକେଟ୍ ନେଇ ଦଳକୁ ବିଜୟୀ କରାଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ସୌଭାଗ୍ୟ ପରିଡ଼ା ମୁଖ୍ୟ ଅତିଥି ଓ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ଚଂଚଳା ଟ୍ରଫିକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୋଇଲିପୁର ପଞ୍ଚାୟତର ସରପଞ୍ଚ ଦିଲୀପ କୁମାର ରାଉତ ମୁଖ୍ୟ ଅତିଥି, ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନିରୋଦ ବଳ ଓ ବଂଶୀଧର ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ତାପସ କୁମାର ରଥ ଓ ହଳଧର ପ୍ରଧାନ ସ୍କୋରର ଏବଂ ଶଶଧର ରାଉତ, ବିଜୟ କୁମାର ବଳ ଭାଷ୍ୟକାର ଭାବେ ଦାୟିତ୍ୱ ନିଭାଇ ଥିଲେ। ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତପନ କୁମାର ପରିଡା, ସଂପାଦକ ଅଭିମନ୍ୟୁ ପଢିହାରୀଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

■ ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଆଲି କ୍ରିକେଟ୍ ଏବଂ ସ୍ପୋର୍ଟସ୍ କାଉନ୍‌ସିଲ ବିଜୟୀ




କେନ୍ଦ୍ରାପଡ଼ା,୧୨।୧(ସମିସ): କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ଶେଷ ସୁପର ଲିଗ୍ ମ୍ୟାଚ୍‌ରେ ଆଲି କ୍ରିକେଟ୍ ଏବଂ ସ୍ପୋର୍ଟସ୍‌ର୍ କାଉନ୍‌ସିଲ୍ ବିଜୟୀ ହୋଇଛି। ରବିବାର ଦିନ କେନ୍ଦ୍ରାପଡା ଟାଇଗର୍ସ କ୍ରିକେଟ କ୍ଲବ ଓ ଆଲି କ୍ରିକେଟ୍ ଏବଂ ସ୍ପୋର୍ସ କାଉନ୍‌ସିଲ୍ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କେନ୍ଦ୍ରାପଡା ଟାଇଗର୍ସ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୩୪.୫ ଓଭରରେ ୧୦ ୱିକେଟ୍ ବିନିମୟରେ ୧୩୬ ରନ୍ କରିଥିଲା। ଜବାବରେ ଆଲି କ୍ରିକେଟ୍ ଏବଂ ସ୍ପୋର୍ସ କାଉନ୍‌ସିଲ୍ ୧୬.୨ ଓଭରରେ ୩ ୱିକେଟ୍ ବିନିମୟରେ ୧୩୮ ରନ୍ କରିଥିଲା। ଫଳରେ ଆଲି କ୍ରିକେଟ୍ ଏବଂ ସ୍ପୋର୍ଟସ୍ କାଉନ୍‌ସିଲ୍ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଆଲି କ୍ରିକେଟ୍ ଏବଂ ସ୍ପୋର୍ଟସ୍ କାଉନ୍‌ସିଲ୍‌ର ସାହାଜାଦ୍ ଖାନ୍ ୭ଟି ଚୌକା ଓ ୩ଟି ଛକା ମାରି ୪୪ ବଲ୍‌ରେ ୬୪ ରନ୍ ବ୍ୟାଟିଂ କରିଥିବା ବେଳେ ୭.୫ ଓଭର ବୋଲିଂ କରି ଗୋଟିଏ ମେଡେନ୍ ନେଇ ୧୩ରନ୍ ଦେଇ ଗୋଟିଏ ୱିକେଟ୍ ନେଇ ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ। ଏହି ଅବସରରେ ଟ୍ରେଜେରର୍ ନୃସିଂହ ଚରଣ ରଥ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦାକାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦୀପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଶେଷ ସୁପର ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ମ୍ୟାଚ୍‌ରେ ଓସିଏ ପକ୍ଷରୁ ଜିଲ୍ଲାରୁ ୩୦ଜଣ ଖେଳାଳିଙ୍କୁ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ଖେଳରେ ଭାଗ ନେବାକୁ ସୁଯୋଗ ଦିଆଯିବ ବୋଲି ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି।

# ମେଗା ସ୍ୱାସ୍ଥ୍ୟମେଳାରେ ୪୫୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

## ମାଗଣାରେ ଔଷଧ ବଣ୍ଟନ



ମାର୍ଶାଘାଇ,୧୨।୧(ସମିସ): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଜମପଡ଼ା ହାଇସ୍କୁଲ ପରିସରରେ ଭୁବନେଶ୍ୱର କିମ୍ସ ତରଫରୁ ମେଗା ସ୍ୱାସ୍ଥ୍ୟମେଳା ଆୟୋଜିତ କରାଯାଇଛି । କିମ୍ସ ମେଡ଼ିକାଲ କଲେଜ ଆଇସିୟୁ ହେଡ୍ ଡାକ୍ତର ହିରିସ ଚୌଧୁରୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ଶ୍ରୀ ସାମନ୍ତ ଜମପଡ଼ାବାସୀଙ୍କ ସ୍ୱାଗତରେ ଭାବବିହ୍ୱଳ ହୋଇପଡ଼ିଥିଲେ। ସମାଜସେବୀ ସଞ୍ଜୟ କୁମାର ଲେଙ୍କା ଅନୁରୋଧକ୍ରମେ ମାର୍ଶାଘାଇ ଜମପଡ଼ାରେ ଏହି ସ୍ୱାସ୍ଥ୍ୟମେଳା ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସ୍ୱାଇଁ, ସମାଜସେବୀ ଦିଲୀପ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ କୁମାରେ ଲେଙ୍କା, ସରପଞ୍ଚ ମନୋଜକାନ୍ତ ପରିଡ଼ା, ସମିତି ସଭ୍ୟା ସୁପ୍ରଭା ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡ. ଶ୍ରୀ ସାମନ୍ତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା କିମ୍ସ ଭାଇସ୍ ଚାନ୍‌ସେଲର ପ୍ରଫେସର ସିବିକେ ମହାନ୍ତିଙ୍କ ନେତୃତ୍ୱରେ ୪୦ଜଣିଆ ଡାକ୍ତରୀ ଟିମ୍ ସମେତ ୭୦ର ଅଧିକ କର୍ମଚାରୀଙ୍କ ଦ୍ୱାରା ୪୫୦୦ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବର୍ଣ୍ଟନ କରାଯାଇଥିଲା। ଗ୍ରାମାଞ୍ଚଳର ଗରିବ ଅସହାୟ ଲୋକ ଉନ୍ନତ ଚିକିତ୍ସା ସେବା ହାତପାହାନ୍ତାରେ ପାଇବା ପରେ ଶ୍ରୀ ସାମନ୍ତଙ୍କୁ ପ୍ରଶଂସା କରିଥିଲେ। ପୂର୍ବତନ ସରପଞ୍ଚ ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ଜ୍ଞାନଦୀପ୍ତ ପରିଡ଼ା ବିଦ୍ୟାଧର ଦାସ, ସମିତି ସଭ୍ୟା ସୁନତି ସାହୁ, ଶର୍ମିଷ୍ଠା ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ବିକ୍ରମକୋଶୀ ଲେଙ୍କା, ଜ୍ଞାନରଂଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ବାରୋରେ ଧର୍ମଗୁରୁ ସଭା




କେନ୍ଦ୍ରାପଡା,୧୨।୧(ସମିସ): ରବିବାର କେନ୍ଦ୍ରାପଡ଼ା ଜିଲ୍ଲା ବାରୋଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଏକ ଧର୍ମଗୁରୁ ସଭା ଆୟୋଜିତ ହୋଇଯାଇଛି। ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବାକୁ ଧାର୍ମିକ ବ୍ୟକ୍ତିବିଶେଷ ଲୋକଙ୍କୁ ସଚେତନ କରିବେ ତଥା ଅସୁସ୍ଥ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସକାଶେ ସକାରାତ୍ମକ ଉପଦେଶ ଦେବେ। ଅତ୍ୟଧିକ ଶ୍ୱେତସାର ଜାତୀୟ ଖାଦ୍ୟ ଖାଇବା ଯୋଗୁଁ ଇନ୍‌ସୁଲିନର କାର୍ଯ୍ୟ ବାଧାପ୍ରାପ୍ତ ହେବା ଏବଂ ରୋଗ ସଂକ୍ରମଣ ଆଶଙ୍କା ରହୁଥିବା ନେଇ ଆଲୋଚନା ହୋଇଥିଲା। ସୁତରାଂ ଶ୍ୱେତସାର ଅପେକ୍ଷା ପୁଷ୍ଟିସାର ଖାଦ୍ୟକୁ ଅଧିକ ପରିମାଣରେ ଭୋଜନରେ ଗ୍ରହଣ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଥିଲେ। ପୁଷ୍ଟିସାର ଖାଦ୍ୟ ଶରୀର ଗଠନ, ବୃଦ୍ଧି, ମାଂସପେଶୀ ସତେଜ ରଖିବା, ଶରୀର କ୍ଷତକୁ ଶୀଘ୍ର ସୁସ୍ଥ କରିବାରେ ସହାୟକ ହୋଇଥାଏ। ଟିବିମୁକ୍ତ ଭାରତ ଅଭିଯାନରେ ଧର୍ମଗୁରୁମାନେ ସାମିଲ ହେବାକୁ ସଂକଳ୍ପ ନେଇଥିଲେ। ଆଗାମୀ ପିଢିକୁ ଧାର୍ମିକ ଚେତନାରେ ଉଦ୍‌ବୁଦ୍ଧ କରି ସେମାନଙ୍କୁ ବିପଥଗାମୀ ହେବାରେ ନିବୃତ୍ତ ହେବାକୁ ଧର୍ମଗୁରୁମାନେ ଦୃଢ ସଂକଳ୍ପ ନେଇଥିଲେ। ତମାଖୁ, ମାଦକ ଦ୍ରବ୍ୟ, ଆର୍ଥିକ କାରବାରରେ ଠକେଇ ଆଦି ଠାରୁ ଯୁବ ସମାଜକୁ ଦୂରେଇ ରଖିବା ପାଇଁ ପ୍ରୟାସ କରିବାକୁ ଧର୍ମଗୁରୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା, ବାରୋ ଗ୍ରାମର ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପଣ୍ଡା, ସରସ୍ୱତୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ପରିଡ଼ା, ତରାଣ୍ଡୋ ଗ୍ରାମର ରଞ୍ଜନ ମଲ୍ଲିକ, ଇଟିପୁର ଗ୍ରାମର ସୁଦର୍ଶନ ପଣ୍ଡା, ଗିରିମଠର ଧନେଶ୍ୱର ଦାସ, ସିଦ୍ଧମଠ ବାବା ନାରଣ ଦାସ ଓ ଉତ୍ତମ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କୃଷ୍ଣାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କନିକା ସଦରରେ ଏମିତି ଚାଲିଛି ପୂର୍ତ୍ତ ବିଭାଗର ସିଡିଆର କାମ



ରାଜକନିକା,୧୨।୧(ସମିସ): ବାତ୍ୟା 'ଦାନା' ପରେ କ୍ଷତି ହୋଇଥିବା ରାସ୍ତାଘାଟର ମରାମତି ପାଇଁ ରାଜକନିକା ବ୍ଲକକୁ ବହୁ କୋଟି ଟଙ୍କା ମଞ୍ଜୁର ହୋଇଛି । ବିପର୍ଯ୍ୟୟ ପରର ମରାମତି ପାଇଁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏହି ଅର୍ଥରାଶିକୁ କୌଣସି ମତେ କାମର ଆଳ ଦେଖାଇ ଲୁଟ୍ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଏହି ଅର୍ଥ ବରାଦରେ ରାଜକନିକା ସଦରର ଗୋବିନ୍ଦପୁର, ବାଘବୁଦା, ସେବାସାହି ମୁଖ୍ୟ ରାସ୍ତା ରହିଛି। ଫେବର ଟାଇଲ ବିଛାଇବା ପରେ ମାତ୍ର ସପ୍ତାହକ ମଧ୍ୟରେ କେତେକ ରାସ୍ତା ନଷ୍ଟ ହେବା, ଫେବର ଟାଇଲ୍ ଉଠିଯିବା, ଚହଲିଯିବା ଏବଂ ବାହାରିଯାଇ ଖାଲ ହେବାରେ ଲାଗିଛି । ଏ ସମ୍ପର୍କରେ ଆଜି ସେକ୍ସନ ଜେଇଙ୍କୁ ପଚାରିବାରୁ ଅତ୍ୟନ୍ତ ଖାମଖିଆଲ ଭାବେ ଏ କାମ ଆମର ଜଣେ ପିଲା କରୁଛି, ଯେହେତୁ ଏହା ବିପର୍ଯ୍ୟୟ ପରର ମରାମତି, ତେଣୁ ଆମେ ଏହାର ବ୍ୟୟ ବରାଦ ଓ ଡିଜାଇନ ସର୍ବସାଧାରଣରେ ପ୍ରକାଶ କରିବୁ ନାହିଁ ବୋଲି କହିଥିଲେ। ଏଥିପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନଜର ଦେବାକୁ ଦାବି ହେଉଛି।

## ଦୁର୍ଦ୍ଦିନରେ କଳାକାର ଜୀବନ

# ଦିନେ ଭକ୍ତି ରସରେ ହଜାଉଥିଲେ, ଆଜି କାନ୍ଦୁଛନ୍ତି

କେନ୍ଦ୍ରାପଡା,୧୨।୧(ସମିସ): ୪୦ ବର୍ଷ ଧରି କେନ୍ଦ୍ରାପଡ଼ା ତଥା ପଡ଼ୋଶୀ ଜିଲ୍ଲାରେ ଭଜନ ଗାଉଥିଲେ। ଭଜନ ସାଙ୍ଗକୁ ହାରମୋନିୟମ ବଜାଉ ଥିଲେ। ଦିନେ ଭଗବାନଙ୍କ ନାମ ସଂକୀର୍ତ୍ତନ କରି ଭକ୍ତିରସରେ ଲୋକଙ୍କୁ

■ ଅର୍ଥ ନ ଥିବାରୁ ହୋଇପାରୁନି ଚିକିତ୍ସା
■ ନା ମିଳିଛି ଆବାସ, ନା' ଅଛି କଳାକାର ଭତ୍ତା
■ ବଞ୍ଚିବା ପାଇଁ ଆକୁଳ ନିବେଦନ



ହଜାଉଥିବା ଏହି କଳାକାର ଆଜି କାନ୍ଦୁଛନ୍ତି। ଏକ ଭଙ୍ଗା ଝାଟିମାଟି ଚାଳ ଘରେ ପଡ଼ିରହି ମରଣ ସହିତ ଲଢ଼େଇ କରୁଛନ୍ତି। ଏହି ବ୍ୟକ୍ତି ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ରଘୁନାଥ ସୁତାର(୬୯)। ଦିନେ ହସଖୁସିରେ ରଘୁନାଥଙ୍କ ଦିନ ବିତୁଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଭଜନ ସମାରୋହରେଗତ ୪୦ ବର୍ଷ ଧରି ଲୋକଙ୍କୁ ଭକ୍ତି ରସରେ ଝୁମାଉଥିଲେ ସେ। ଏହାଛଡ଼ା ସ୍ଥାନୀୟ ଅନେକ ପିଲାଙ୍କୁ ସେ ଏ ସମ୍ପର୍କିତ ଶିକ୍ଷା ମଧ୍ୟ ଦେଉଥିଲେ। ଗୀତ, ଭଜନ, ସଂକୀର୍ତ୍ତନ ଓ ହାରମୋନିୟମ ଶିଖାଇ ସେ ଅନେକଙ୍କ ଗୁରୁ ପାଲଟି ଯାଇଛନ୍ତି । ହେଲେ ଆଜକୁ ଅନେକ ଦିନ ହେବ ସେ ଶଯ୍ୟାଶାୟୀ ହୋଇ ଗୋଟିଏ ସ୍ଥାନରେ ପଡ଼ି ରହିଛନ୍ତି। କୀଡ୍‌ନୀ ଏବଂ ହାର୍ଟରେ ସମସ୍ୟା ହେତୁ ତାଙ୍କର ଶରୀର କାର୍ଯ୍ୟ କରୁନାହିଁ। ପ୍ରତ୍ୟେକ ମାସରେ ମେଡିସିନ ପାଇଁ ୫ ହଜାର ଟଙ୍କା ଆବଶ୍ୟକ ରହିଛି। ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ଅର୍ଥ ନଥିବାରୁ ଏବେ ସେ ଅଚଳ ହୋଇ ପଡି ରହିଛନ୍ତି। ପ୍ରଥମେ କିଛି ମାସ ମେଡ଼ିସିନ ଖାଇସୁସ୍ଥ ହେବା ପରେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଅପରେସନ ହୋଇ ପାରିବେ ବୋଲି ଡାକ୍ତର କହିଛନ୍ତି। ହେଲେ ଅର୍ଥର ଅଭାବ ରହିଥିବାରୁ ସେ ମେଡିସିନ ନଖାଇ ଘରେ ପଡ଼ିଛନ୍ତି। ସେପଟେ ଏହିଭଳି ଜଣେ ଜଣାଶୁଣା କଳାକାରଙ୍କୁ ପ୍ରଶାସନ ଅବହେଳା କରିଥିବା ଅଭିଯୋଗ ହେଉଛି। ନା ତାଙ୍କୁ କଳାକାର ଭତ୍ତା ମିଳୁଛି, ନା ପକ୍କା ଘର ଖଣ୍ଡେ ଦିଆଯାଇଛି। ସହାୟତା ମିଳିଲେ ବଞ୍ଚିଯିବେ ବୋଲି ରଘୁନାଥ ସୁତାର କହିଛନ୍ତି । ତାଙ୍କୁ ସରକାରୀ ସାହାର୍ଯ୍ୟ ମିଳିଲେ, ସେ, ତାଙ୍କ ପିଲା ଓ ପରିବାର ବଞ୍ଚିଯିବେ ବୋଲି ଆକୁଳ ନିବେଦନ କରିଛନ୍ତି ସେ। ସମାଜସେବୀ ଗୁରୁପଦ ଦାଶ, ବ୍ରହ୍ମପୁର ବାସିନ୍ଦା ତଥା ଯୁବ ସଂଗଠକ ରମାକାନ୍ତ ବେହେରା ତାଙ୍କୁ ସରକାରୀ ସହାୟତା ତୁରନ୍ତ ଦେବାକୁ ଦାବି କରିଛନ୍ତି। ରଘୁନାଥଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ଯଦି କେହି ବଦାନ୍ୟ ବ୍ୟକ୍ତି ସହଯୋଗ କରନ୍ତି, ତେବେ ସେ ବଞ୍ଚିବା ସହ ଗ୍ରାମାଞ୍ଚଳର କଳାକୁ ବଞ୍ଚାଇ ପାରିବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

